## ସଂକ୍ଷେପରେ

### ଯୁବତୀଙ୍କୁ ଧମକ ଘଟଣା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୮।୨(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ବାରମ୍ବାର ପିଛାକରି ଧମକ ଦେବା ଘଟଣାରେ ମଙ୍ଗଳବାର କେ.ନୂଆଗାଁ ପୋଲିସ ଅଭିଯୁକ୍ତ ଓଡ଼ିଆ ବିଷୋୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବତୀଙ୍କ ଏତଲା କ୍ରମେ ନଂ.୩୭/୨୦ରେ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଯୁବକ ଜଣକ ଗତ ପ୍ରାୟ ୩ ମାସ ହେଲା ଯୁବତୀଙ୍କ ପିଛାକରି ଅଶାଳୀନ ମନ୍ତବ୍ୟ ଦେଉଥିଲେ। ପ୍ରତିବାଦ କରିବାରୁ ଧମକଚମକ ଦେଉଥିଲେ। ଜାନୁୟାରୀ ୧୯ରେ ସମ୍ପୃକ୍ତା ଯୁବତୀ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଯୁବକ ଜଣକ ତାଙ୍କ ଉପରକୁ ଏକ ମୋବାଇଲ ଫୋନ ଫୋପାଡିଥିଲେ। ମୋବାଇଲରେ ତୋ ଫଟୋ ଉଠାଇ ମିଡ଼ିଆରେ ଭାଇରାଲ କରିଦେବି ବୋଲି ଧମକ ଦେଇଥିଲେ।

### ବିଭିନ୍ନ ଦାବି ନେଇ ଓଡ଼ିଶା କୃଷକ ସଭାର ଧାରଣା

**ବେଗୁନିଆପଡ଼ା,୧୮।୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ନିକଟରେ ବିଭିନ୍ନ ଦାବି ନେଇ ସୋମବାର ଓଡିଶା କୃଷକ ସଭା ଗଞ୍ଜାମ ଜିଲା ସମ୍ପାଦକ ପି.ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଧାରଣାରେ ଦେଇଥିଲେ। ବ୍ଲକର ସମସ୍ତ ଗ୍ରାମରେ କାମ ଯୋଗାଇ ଦେବା, କାଳିମେଖି ପଞ୍ଚାୟତର ଲୁହାକୋଟ ହରିଜନ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର କରିବା, ଗରିବ, ଆଦିବାସୀ ଓ ଦଳିମାନଙ୍କୁ ଆବାସ ଗୃହ, ରେଶାନ କାର୍ଡରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଡ ଯୋଗାଇବା, ମହିଳା ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ ଆଦି ଦାବି ନେଇ ଧାରଣାରେ ବସିଥିଲେ। ଏଥିସହ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ବେଦବର ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଏଥିରେ ଅଭିମନ୍ୟୁ ଜାନି, ଚରଣ ଜାନି, ସୌରୀ ଦାସ, ପ୍ରଦୀପ ପ୍ରଧାନ, ମୋଚିଆ ଶବରଙ୍କ ସମେତ ବହୁ କୃଷକ ଯୋଗ ଦେଇଥିଲେ।

### କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶୀର୍ଷକ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୧୮।୨:** ସମ୍ରାଟ ମହାବିଦ୍ୟାଳୟ ଆନୁକୁଲ୍ୟରେ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଇଂ. ରାଜା ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଟି କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇଥିଲେ। ଡ. ଅମୁଲ୍ୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିସମ୍ରାଟଙ୍କ ଜୀବନାଦର୍ଶ ଓ ଓଡିଆ କବିତା କ୍ଷେତ୍ରରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଡ. ମାନସ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜ୍ଞାନପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧାପିକା ଅଧାପକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତୃଣମୂଳସ୍ତରରୁ ଦଳକୁ ମଜଭୁତ ପାଇଁ ଜିତେନ୍ଦ୍ରଙ୍କ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ,୧୮।୨**



କଂଗ୍ରେସ ସାଙ୍ଗଠନିକ ସମୀକ୍ଷା ବୈଠକରେ ଓଡ଼ିଶା ପ୍ରଭାରୀ ଓ ଅନ୍ୟମାନେ।

**ବ୍ରହ୍ମପୁରରେ ୪ ଜିଲାର କଂଗ୍ରେସ ସାଙ୍ଗଠନିକ ସମୀକ୍ଷା**
- ରାଜ୍ୟ ସରକାରଙ୍କ ବିଫଳତା ବଖାଣିଲେ ନିରଞ୍ଜନ
- ପୁରୀ ଗଣ୍ଡଗୋଳର ତଦନ୍ତ, କାର୍ଯ୍ୟାନୁଷ୍ଠାନ ହେବ
- ଗଞ୍ଜାମ ନୂଆ ସଭାପତି ପାଇଁ ୩ ଜଣଙ୍କ ନାଁ ସୁପାରିସ

ବ୍ରହ୍ମପୁରସ୍ଥ ବାପୁଜୀ ଆଶ୍ରମରେ ମଙ୍ଗଳବାର କଂଗ୍ରେସର ସାଙ୍ଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଦଳ ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜାତୀୟ ସମ୍ପାଦକ ଅନିଲ ଚୌଧୁରୀ ଓ ରୁଦ୍ର ରାଜୁ ଯୋଗ ଦେଇଥିଲେ। ବରିଷ୍ଠ ନେତା ଲିଙ୍ଗରାଜ ଚୌଧୁରୀ, ଗଞ୍ଜାମ କଂଗ୍ରେସ ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗଜପତି ଜିଲା ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିବା ବେଳେ ଗଞ୍ଜାମର ଏକମାତ୍ର ଦଳୀୟ ବିଧାୟକ ରମେଶ ଜେନା ଅନୁପସ୍ଥିତ ଥିଲେ।

ବାପୁଜୀ ଆଶ୍ରମରେ ହୋଇଥିବା ରୁଦ୍ଧଦ୍ୱାର ବୈଠକରେ ଜିତେନ୍ଦ୍ର ଉପରୋକ୍ତ ୪ ଜିଲାର ୨୦୧୯ ନିର୍ବାଚନରେ ଦଳର ଶୋଚନୀୟ ପରାଜୟର କାରଣ ସମ୍ପର୍କରେ ନେତା ଏବଂ ପରାଜିତ ପ୍ରାର୍ଥୀମାନଙ୍କୁ ଜଣ ଜଣ କରି ପଚାରିଥିଲେ। ଏଣିକି ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନ କିଭଳି ମଜଭୁତ ହେବ ସେନେଇ ମନ୍ତ୍ର ଦେଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ କେନ୍ଦ୍ର ଭାଜପା ଏବଂ ରାଜ୍ୟ ବିଜେଡି ସରକାର ବିରୋଧରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଥିବାରୁ ଏହାର ସୁଯୋଗରେ କର୍ମୀ ଓ ନେତାମାନେ ଗ୍ରାମାଞ୍ଚଳସ୍ତରରୁ ସଂଗଠନକୁ ବିସ୍ତାର କରିବାକୁ ସେ ପରାମର୍ଶ ଦେଇଥିଲେ। ମତଭେଦ ଭୁଲି ସମସ୍ତେ ଟିମ ୱାର୍କ ଭାବେ କାର୍ଯ୍ୟ କରିବା ଉପରେ ରାଜ୍ୟ ପ୍ରଭାରୀ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଖବରଦାତାଙ୍କ ସହ ଆଲୋଚନା ପ୍ରସଙ୍ଗରେ ପିସିସି ସଭାପତି କହିଥିଲେ, ଗତ ସୋମବାର ପୁରୀ କଂଗ୍ରେସ କାର୍ଯ୍ୟାଳୟରେ ଘଟିଥିବା ଗଣ୍ଡଗୋଳ ଓ ହିଂସାକାଣ୍ଡର ଉପଯୁକ୍ତ ତଦନ୍ତ କରାଯିବ। ବିଶୃଙ୍ଖଳାକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ। ଗତ ସାଧାରଣ ନିର୍ବାଚନ ପରଠାରୁ ବିଜେଡି ଓ ଭାଜପା ମଧ୍ୟରେ ଅଘୋଷିତ ମେଣ୍ଟ ହୋଇଥିବା ନିରଞ୍ଜନ ଟିପ୍ପଣୀ ଦେଇଥିଲେ। ସଂଖ୍ୟା ଦୃଷ୍ଟିରୁ ଭାଜପା ବିରୋଧୀ ଦଳ ହୋଇଥିଲେ ମଧ୍ୟ ଦାୟିତ୍ୱ ତୁଲାଇ ପାରୁ ନ ଥିବାରୁ ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ହିଁ ବିରୋଧୀ ଦଳ ଭୂମିକା ନେଇଥିବା ସେ ସୂଚାଇଥିଲେ। ବିଜେଡି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଥିବା ଏବଂ କୌଣସି କାରଣରୁ କେନ୍ଦ୍ର ସରକାରଙ୍କ ଗୋଡ଼ାଣିଆ ସାଜିଥିବା ପଟ୍ଟନାୟକ ତାଚ୍ଛଲ୍ୟ କରିଥିଲେ।

ଦକ୍ଷିଣାଞ୍ଚଳ ଜିଲାର ସାଙ୍ଗଠନିକ ସ୍ଥିତି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲେ ମଧ୍ୟ ମୁଖ୍ୟ ପ୍ରସଙ୍ଗ ଥିଲା ନୂଆ ସଭାପତି କାହାକୁ କରାଯିବ। ସେନେଇ ନେତା ଓ କର୍ମୀଙ୍କ ମତାମତ ନିଆଯାଇଥିଲା। କନ୍ଧମାଳ ଓ ବୌଦ୍ଧ ଜିଲା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ଗଜପତି ପାଇଁ ମୋହନା ବିଧାୟକ ଗମାଙ୍ଗଙ୍କ ନାଁ ଉଠିଥିଲା। ସେହିପରି ଗଞ୍ଜାମ ଜିଲା ନୂଆ ସଭାପତି ପାଇଁ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ବର୍ତ୍ତମାନ ସଭାପତି ତ୍ରିନାଥ ବେହେରା ଏବଂ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ନାମ ସୁପାରିସ କରାଯାଇଛି। ତେବେ ଏଆଇସିସି ଯାହାଙ୍କ ନାଁରେ ମୋହର ଲଗାଇବେ ତାଙ୍କୁ ସଭାପତି କରାଯିବାର ସୂଚନା ମିଳିଛି।

### ପୋର୍ଟ ଟ୍ରାନ୍ସପୋର୍ଟ ଶ୍ରମିକଙ୍କ ଧାରଣା
## କାମ ଯୋଗାଇବା ଦାବି

**ଛତ୍ରପୁର,୧୮।୨(ଡି.ଏନ.ଏ)**

ଟ୍ରାନ୍ସପୋର୍ଟ ୱାର୍କର ଶ୍ରମିକମାନଙ୍କୁ ଗତ ନଭେମ୍ବର ୧ ତାରିଖରୁ କାମ ମିଳୁନି। ପୋର୍ଟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର କାର୍ଯ୍ୟ ପ୍ରଦାନ ପାଇଁ ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳିଲାନି। ଏହାର ପ୍ରତିବାଦରେ ମଙ୍ଗଳବାର ଶ୍ରମିକମାନେ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି କହିଛନ୍ତି। ସେମାନେ କହିଛନ୍ତି ଯେ, ୨୧୯ ଜଣ ଟ୍ରାନ୍ସପୋର୍ଟ ୱାର୍କର ଶ୍ରମିକ ଦୀର୍ଘ ବର୍ଷ ଧରି ପୋର୍ଟରେ ମାଲ୍ ଲୋଡିଂ ଓ ଅନଲୋଡିଂ କରି ପରିବାର ପ୍ରତିପୋଷଣ କରିଆସୁଥିଲୁ। ହେଲେ ନଭେମ୍ବର ୧ରୁ ଏ ପର୍ଯ୍ୟନ୍ତ କାର୍ଯ୍ୟ ମିଳି ନ ଥିବାରୁ ପରିବାର ଚଳାଇବାରେ ଅସୁବିଧା ହେଉଛି। ଡିସେମ୍ବର ୯ରେ ଏହି ଦାବି ନେଇ ପୋର୍ଟ ଫାଟକ ସମ୍ମୁଖରେ ୨୪ ଘଣ୍ଟା ଧାରଣା ଦିଆଯାଇଥିଲା। ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ପ୍ରଶାସନ, ଶ୍ରମିକମାନଙ୍କ ପ୍ରତିନିଧି ଓ ପୋର୍ଟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ବୈଠକ ବସି ପୁଣି ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲା। ହେଲେ କୌଣସି ପଦକ୍ଷେପ ନିଆଗଲାନି। ପୋର୍ଟ କର୍ତ୍ତୃପକ୍ଷ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

# ଡିସେମ୍ବର ଜମାକାରୀଙ୍କୁ ୨୦ ପ୍ରତିଶତ ମାଚ୍ୟୁରିଟି ଦିଆଯାଉ



ବୈଠକରେ ଉପସ୍ଥିତ ଏଜେଣ୍ଟମାନେ।

**ବ୍ରହ୍ମପୁର ଅଫିସ,୧୮।୨**

- ସାହାରା ଇଣ୍ଡିଆ ଏଜେଣ୍ଟ-କର୍ତ୍ତୃପକ୍ଷଙ୍କ ଆଲୋଚନା ବୈଠକ
- ପ୍ରତିମାସରେ ଏମ୍ଆଇଏସ୍ ଦେବାକୁ ଏଜେଣ୍ଟଙ୍କ ଦାବି

ସାହାରା ଇଣ୍ଡିଆ ଚିଟ୍‌ଫଣ୍ଡ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଏଜେଣ୍ଟ (କ୍ଷେତ୍ର କର୍ମଚାରୀ) ଓ ଜମାକାରୀଙ୍କୁ ମାଚ୍ୟୁରିଟି ଟଙ୍କା ପ୍ରଦାନକୁ ନେଇ ଲାଗି ରହିଥିବା ଅସନ୍ତୋଷର ସମାଧାନ ପାଇଁ ମଙ୍ଗଳବାର ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଶାଖା କାର୍ଯ୍ୟାଳୟରେ ସଂସ୍ଥା ମ୍ୟାନେଜର ଓ ଏଜେଣ୍ଟଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଜେଣ୍ଟଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ତେବେ ଏଜେଣ୍ଟମାନେ ଗ୍ରାହକଙ୍କ ମାଚ୍ୟୁରିଟି ଟଙ୍କା ପ୍ରଦାନ, ଏମ୍ଆଇଏସ୍ (ମାସିକ ଇନ୍‌କମ୍ ସ୍କିମ୍) ଟଙ୍କା ପ୍ରତିମାସରେ ଦେବା ସହ ଡିସେମ୍ବରରେ ବିଭିନ୍ନ ସ୍କିମ୍‌ରେ ଜମା କରିଥିବା ଗ୍ରାହକଙ୍କ ଟଙ୍କାର ୨୦ ପ୍ରତିଶତ ପ୍ରତ୍ୟେକଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଅନ୍ୟପକ୍ଷରେ ଏଜେଣ୍ଟଙ୍କ ଜରିଆରେ ଜମାକାରୀଙ୍କୁ ଅଧିକରୁ ଅଧିକ ଟଙ୍କା ବକେୟା ମାଚ୍ୟୁରିଟି, ଏମ୍ଆଇଏସ୍ ପ୍ରଦାନ ଉପରେ ମୁଖ୍ୟ କାର୍ଯ୍ୟାଳୟକୁ ଅବଗତ କରିବାକୁ ସଂସ୍ଥା ଶାଖା ପରିଚାଳକ ବିଭୂତି ଭୂଷଣ ପଟ୍ଟନାୟକ ସୂଚାଇଥିଲେ। ଏଥିସହ ସମସ୍ତ ଏଜେଣ୍ଟଙ୍କ ଭଳି ୪ ସିନିୟର ଏଜେଣ୍ଟ ମଧ୍ୟ ସମାନ ପରିମାଣର ମାଚ୍ୟୁରିଟି ଟଙ୍କା ପାଇବା ନେଇ ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇବାକୁ ଶାଖା ପରିଚାଳକ କହିଥିଲେ। ତେବେ ଆଗାମୀ ଦିନରେ ସଂସ୍ଥା ପକ୍ଷରୁ ଏମ୍ଆଇଏସ୍, ମାଚ୍ୟୁରିଟି ଟଙ୍କା ପ୍ରଦାନରେ ଅବହେଳା କରାଗଲେ ପୁଣି ଏଜେଣ୍ଟମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଏଜେଣ୍ଟମାନେ ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ, ସାହାରା ଇଣ୍ଡିଆ ପକ୍ଷରୁ ଏଜେଣ୍ଟ, ଗ୍ରାହକଙ୍କ ମାଚ୍ୟୁରିଟି ଟଙ୍କା ଫେରାଇବାରେ ବିଳମ୍ବକୁ ନେଇ ଏଜେଣ୍ଟ–ସଂସ୍ଥା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ଦୀର୍ଘ ମାସ ଧରି ଲାଗିରହିଛି। ଏଜେଣ୍ଟ(କ୍ଷେତ୍ର କର୍ମଚାରୀ) ଓ ଜମାକାରୀଙ୍କୁ ମାଚ୍ୟୁରିଟି ଟଙ୍କା ପ୍ରଦାନରେ ତାରତମ୍ୟକୁ ନେଇ ବ୍ରହ୍ମପୁର ଶାଖା କାର୍ଯ୍ୟାଳୟରେ କର୍ତ୍ତୃପକ୍ଷ ଓ ଏଜେଣ୍ଟଙ୍କ ମଧ୍ୟରେ ସୋମବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ୪ ଜଣ ସିନିୟର ଏଜେଣ୍ଟଙ୍କୁ ଅଧିକ ମାଚ୍ୟୁରିଟି ଟଙ୍କା ପ୍ରଦାନ କରାଯିବା ଓ ଦୀର୍ଘ ଦିନ ଧରି କାର୍ଯ୍ୟାଳୟକୁ ବନ୍ଦ ରଖିବାକୁ ବିରୋଧ କରି ଏଜେଣ୍ଟମାନେ ଶାଖା କାର୍ଯ୍ୟାଳୟରେ ହଟ୍ଟଗୋଳ କରିବା ସହ ମାଚ୍ୟୁରିଟି ବାବଦକୁ ସମସ୍ତ ଏଜେଣ୍ଟଙ୍କୁ ସମାନ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ହଟ୍ଟଗୋଳ ପରେ ଶାଖା ପରିଚାଳକ ମଙ୍ଗଳବାର ସମସ୍ତ ଏଜେଣ୍ଟଙ୍କ ସହ ଆଲୋଚନା କରି ମୁଖ୍ୟ କାର୍ଯ୍ୟାଳୟକୁ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅବଗତ କରିବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଶାଖା ପରିଚାଳକଙ୍କ ସମେତ ସମସ୍ତ ଏଜେଣ୍ଟ ଉପସ୍ଥିତ ଥିଲେ।

# ଗଞ୍ଜାମରେ ସବୁ ଫସଲର ଅଭାବୀ ବିକ୍ରି

**ବ୍ରହ୍ମପୁର ଅଫିସ,୧୮।୨**

- ଋଷିକୁଲ୍ୟା ରୟତ ମହାସଭାର ଅଭିଯୋଗ
- ଚାଷୀ ବାର୍ଷିକ କ୍ଷତି ସହୁଛନ୍ତି ୧୦୦ କୋଟି ଟଙ୍କା

ଗଞ୍ଜାମ ଜିଲାରେ କୃଷିଜାତ ପଦାର୍ଥର ମାର୍କେଟିଂ ସୁବିଧା ଓ ସଂରକ୍ଷଣ ପାଇଁ ଗୋଦାମ ଘର ଅଭାବ ରହିଛି। ତେଣୁ ଜିଲାର ଚାଷୀମାନେ ସବୁ ଫସଲର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏହା ଫଳରେ ଚାଷୀମାନେ ପ୍ରତିବର୍ଷ ୧୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି। ଅପରପକ୍ଷରେ ଘନଘନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୃଷି ଶ୍ରମିକମାନେ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଏହାର ସ୍ଥାୟୀ ସମାଧାନ ଦିଗରେ ସରକାର ଅଣଦେଖା କରୁଛନ୍ତି। ପ୍ରମୁଖ ଚାଷୀ ସଂଗଠନ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ସମସ୍ୟାର ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

ମଙ୍ଗଳବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଓ ସଭାପତି ତ୍ରିନାଥ ବିଶ୍ୱାଳ ଆହୁରି କହିଛନ୍ତି, ଖରିଫ ଧାନକିଣାରେ ଅବ୍ୟବସ୍ଥା ଚାଷୀଙ୍କୁ ହତାଶ କରିଦେଇଛି। ଯୋଗାଣ ବିଭାଗ ଓ ସମବାୟ ସୋସାଇଟିଗୁଡ଼ିକର ଅପାରଗତା ଯୋଗୁ ମିଲରମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ବିଭିନ୍ନ ମଣ୍ଡିରେ ଶହ ଶହ ବସ୍ତା ଧାନ ପଡ଼ି ରହିଛି। ଚଳିତ ବର୍ଷର ଧାନ ବିକ୍ରି ପାଇଁ ୧.୩୪ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ଗତ ଦୁଇ ମାସରେ ୬୫ ହଜାର ଚାଷୀଙ୍କ ଧାନ କିଣାଯାଇଛି। ଅବଶିଷ୍ଟ ଚାଷୀମାନେ ଧାନ ବିକ୍ରି ନିମନ୍ତେ ବ୍ଲକଠାରୁ ଆରମ୍ଭ କରି ଯୋଗାଣ ଅଫିସକୁ ବାରମ୍ବାର ଦୌଡ଼ି ନିରାଶ ହୋଇଛନ୍ତି।

ଧାନ ବିକ୍ରି ନିମନ୍ତେ ବହୁ ବିଳମ୍ବରେ ଟୋକନ ଆସିଥିଲା ଓ ଏହାର ଅବଧି ଶେଷ ହେବାକୁ ଯାଉଥିବା ବେଳେ ଧାନ ବିକ୍ରି ହୋଇ ନ ପାରିବାରୁ ଚାଷୀ, ଭାଗଚାଷୀ ଓ ଛୋଟ ଚାଷୀଙ୍କୁ ଆଶଙ୍କା ଘାରିଛି। ସବୁ ଚାଷୀଙ୍କ ଧାନ ସରକାର କିଣିବା ପାଇଁ ମହାସଭା ଦାବି କରିଛି। ନଚେତ ପ୍ରତିବାଦରେ ଚାଷୀଙ୍କୁ ମେଳି କରି ଆନ୍ଦୋଳନ କରାଯିବାର ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ରବି ରଥଙ୍କ ସମେତ ଅନ୍ୟ ଚାଷୀ ନେତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଚାଷୀ ନେତାମାନେ।

# ୮ମ ଶ୍ରେଣୀ ଛାତ୍ରୀ ହରାଇଲେ ବାମହାତ, ମହିଳାଙ୍କ ଦୁଇ ଗୋଡ଼ କଟାଗଲା

**ଗୋପାଳପୁର,୧୮।୨**

**ଡଙ୍କଲପାଡୁ ବସ୍ ଟ୍ରାଜେଡି**
- ଠିକ୍ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଡଙ୍କଲପାଡୁ ରାସ୍ତାରେ ଗତ ୯ ତାରିଖରେ ନିର୍ବନ୍ଧ ପାଇଁ ଯାଉଥିବା ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୧ ଜଣଙ୍କ ଜୀବନ ଯାଇଥିଲା। ଘଟଣା ଦିନ ଜିଲା ପ୍ରଶାସନ ବହୁ ତତ୍ପର ଦେଖାଇଥିଲା ଏବଂ ରାଜନୈତିକ ଦଳର ନେତା ଓ କର୍ମୀ ଡଙ୍କଲପାଡୁ ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଥିଲେ।

ବର୍ତ୍ତମାନ ମଧ୍ୟ ମୃତକଙ୍କ ପରିବାରଙ୍କ ଆଖିରୁ ଲୁହ ଶୁଖିନଥିବା ବେଳେ ଗ୍ରାମଟି ଖାଁ ଖାଁ ଲାଗୁଛି। ଘଟଣା ପରେ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ମିଳି ନ ଥିବା କୁହାଯାଇଛି।

ଅନ୍ୟପଟେ ଏହି ଘଟଣାରେ ଗୁରୁତର ଆହତମାନଙ୍କ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଯାଉଛି। ସେମାନେ ହେଲେ ବି.ସାରଦା ରେଡ୍ଡୀ, ସିଏଚ୍ ବଳରାମ ରେଡ୍ଡୀ, ବି. ପ୍ରସାଦ ରେଡ୍ଡୀ, କେ.ଜାନକୀଆମ୍ମା, ପି.ଭାରତୀ ରେଡ୍ଡୀ, ବି. ଆଙ୍କାମ୍ମା। ସୋମବାର ସନ୍ଧ୍ୟାରେ ୮ମ ଶ୍ରେଣୀରେ ପଢୁଥିବା ଛାତ୍ରୀ ପି. ଭାରତୀଙ୍କ ଅସ୍ତ୍ରୋପଚାର କରାଯାଇ ବାମ ହାତ କଟାଯାଇଛି। ମଙ୍ଗଳବାର ଅପରାହ୍ନରେ ବି. ସାରଦାଙ୍କ ଅସ୍ତ୍ରୋପଚାର କରାଯାଇ ଦୁଇଟି ଗୋଡ଼ କଟାଯାଇଛି। ତେବେ କଟକରେ ଠିକ୍ ଭାବେ ଚିକିତ୍ସା ଓ ଖାଦ୍ୟ ମିଳୁ ନ ଥିବା ନେଇ ଏକ୍‌ସିଂ ସରପଞ୍ଚ ସିଏଚ୍ ସୁଧାକର ରେଡ୍ଡୀ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ବଡ଼ ମେଡିକାଲରେ ୟୁ.ସନ୍ତୁ, ୟୁ. ଲଳିତା, ୟୁ.ଦାଲାମ୍ମା, ପି. ଭୂମିକା ଚିକିତ୍ସିତ ହେଉଛନ୍ତି। ଗୁରୁତର ଆହତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ମଧ୍ୟ ସରକାରୀ ସହାୟତା ପ୍ରଦାନ କରିବାକୁ ପରିବାର ସଦସ୍ୟ ଦାବି କରିଛନ୍ତି।

# ଜିଲାର ୨୧୬ କେନ୍ଦ୍ରରେ ୪୮,୯୭୯ ପରୀକ୍ଷାର୍ଥୀ

**ବ୍ରହ୍ମପୁର ଅଫିସ,୧୮।୨**

**ଆଜିଠୁ ମାଟ୍ରିକ ପରୀକ୍ଷା**
- ୧୬ନୋଡାଲ ସେଣ୍ଟରରୁ ସକାଳେ ପରୀକ୍ଷା କେନ୍ଦ୍ରକୁ ଯିବ ପ୍ରଶ୍ନପତ୍ର
- କପି ରୋକିବାକୁ ତ୍ରିସ୍ତରୀୟ ୫ ଟିମ୍
- ୭୭ କେନ୍ଦ୍ରରେ ଖଞ୍ଜାଯାଇଛି ସିସିଟିଭି
- ପ୍ରଶାସନ ପକ୍ଷରୁ ନିୟୋଜିତ ହୋଇଛନ୍ତି ଜଣେ ଅବ୍‌ଜରଭର

ଚଳିତବର୍ଷ ମାଟ୍ରିକ ପରୀକ୍ଷା ବୁଧବାରରୁ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗଞ୍ଜାମ ଜିଲାରେ ୨୧୬ କେନ୍ଦ୍ରରେ ୪୮ ହଜାର ୯୭୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କିଛିଦିନ ପୂର୍ବରୁ ଜିଲାର ୧୬ ନୋଡାଲ ସେଣ୍ଟରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚିଛି। ବୁଧବାର ସକାଳେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ନେଇ ସୂଚନା ମିଳିଛି। କପି ରୋକିବାକୁ ସେଣ୍ଟରଗୁଡିକରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ପ୍ରକାରେ, ଚଳିତବର୍ଷ ଜିଲାରେ ମୋଟ ୪୮ହଜାର ୯୭୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିମଧ୍ୟରେ ୪୬ ହଜାର ୩୩୫ ପରୀକ୍ଷାର୍ଥୀ ରେଗୁଲାର ହୋଇଥିବା ବେଳେ ୧୯୪୯ ଏକ୍ସରେଗୁଲାର, ୧୮୬ ପତ୍ରବିନିମୟ, ୨୫ଜଣ ପତ୍ରବିନିମୟ ଏକ୍ସ ରେଗୁଲାର, ୧୪୦ ଜଣ ଓଡିଆ ମୁକ୍ତ ବିଦ୍ୟାଳୟ ରେଗୁଲାର, ୨୧୬ ଜଣ ଓଡିଆ ମୁକ୍ତ ବିଦ୍ୟାଳୟ ଏକ୍ସରୋଗୁଲାର, ୧୨୧ ମଧ୍ୟମା ରେଗୁଲାର, ୭ ଜଣ ମଧ୍ୟମା ଏକ୍ସ ରୋଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏଥିପାଇଁ ଜିଲାରେ ଚୟନ ହୋଇଥିବା ୨୧୬ ପରୀକ୍ଷାକେନ୍ଦ୍ର ମଧ୍ୟରେ ୧୮୨ ସରକାରୀ ବିଦ୍ୟାଳୟ ରହିଥିବା ବେଳେ ୨୬ ସରକାରୀ ସ୍ୱୀକୃତିପ୍ରାପ୍ତ ତଥା ବ୍ଲକଗ୍ରାଣ୍ଟ ସ୍କୁଲ, ୭ ଘରୋଇ ବିଦ୍ୟାଳୟ ରହିଛି। ସମସ୍ତ କେନ୍ଦ୍ରରୁ ସଂଲଗ୍ନ ବିଦ୍ୟାଳୟଗୁଡିକର ଦୂରତା ୧୦ ରୁ ୧୨ କି.ମି. ମଧ୍ୟରେ ରଖାଯାଇଥିବା ବେଳେ କେବଳ ସୋରଡା ବ୍ଲକ ଗାଜଲବାଡି ସେଣ୍ଟର ସଂଲଗ୍ନ ସ୍କୁଲଠାରୁ ୧୭ କି.ମି.ଦୂରରେ ରହିଛି। ତେବେ ସେଠାରେ ପ୍ରଶ୍ନପତ୍ର ପହଞ୍ଚିବା ସହ ପରୀକ୍ଷାର୍ଥୀମାନେ କିପରି ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିବେ ଓ ପରୀକ୍ଷା ଦେବେ ସେ ନେଇ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ସଜାଗ କରାଯାଇଥିବା ଜିଲା ଶିକ୍ଷାଧିକାରୀ (ଡିଇଓ) ଅମୂଲ୍ୟ କୁମାର ପ୍ରଧାନ ସୂଚାଇଛନ୍ତି।




ବ୍ରହ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଥିବା ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ରକୁ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି।

ଏହାବ୍ୟତୀତ ଜିଲାର ସମ୍ବେଦନଶୀଳ ୭୭ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ବେଳେ କପି ରୋକିବାକୁ ତ୍ରିସ୍ତରୀୟ ୫ ସ୍କ୍ୱାଡ୍ ଗଠନ କରାଯାଇଛି। ବୋର୍ଡ, ଜିଲା ଶିକ୍ଷାଧିକାରୀ ଓ ପ୍ରଶାସନ ପକ୍ଷରୁ ଏହି ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିସହ ପ୍ରତ୍ୟେକ ସେଣ୍ଟରରେ ଜିଲା ପ୍ରଶାସନ ପକ୍ଷରୁ ଜଣେ ଲେଖାଏ ଅବ୍‌ଜରଭରଙ୍କୁ ନିୟୋଜିତ କରାଯାଇଛି। ମାଲ୍‌ପ୍ରାକ୍ଟିସ୍ ଓ ପ୍ରଶ୍ନପତ୍ର ପହଞ୍ଚିବା ସମ୍ପର୍କିତ ସୂଚନା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ ମଧ୍ୟ ଖୋଲାଯାଇଛି। ସେଣ୍ଟରରେ କୌଣସି ସମସ୍ୟା ହେଲେ କଣ୍ଟ୍ରୋଲ ରୁମ୍ ଟେଲିଫୋନ୍ ନଂ.୦୬୮୦୨୨୩୩୨୫୦ରେ ଜଣାଇବାକୁ ସୂଚନା ଦିଆଯାଇଥିବା ଡିଇଓ କହିଛନ୍ତି। ଏଥିସହ ଆବଶ୍ୟକତା ଅନୁସାରେ ପ୍ରତ୍ୟେକ ସେଣ୍ଟରରେ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିବା ସେ କହିଛନ୍ତି।



# ରାଜ୍ୟ ବଜେଟ୍ ୨୦୨୦-୨୧



## ରୋଜଗାର ପହଞ୍ଚାଇବାର ଆବଶ୍ୟକତା ପୂରଣ କରାଯାଇନି



ଗ୍ରାମୀଣ ଭିତ୍ତିଭୂମିକୁ ମଜଭୁତ କରି କୃଷି, କୃଷି ପ୍ରକ୍ରିୟାକରଣ, ହସ୍ତ ଓ କୁଟୀର ଶିଳ୍ପ, ବୟନ ଶିଳ୍ପ ତଥା ଗ୍ରାମୀଣ ପର୍ଯ୍ୟଟନର ବିକାଶ ମାଧ୍ୟମରେ ଓଡ଼ିଶାର ଅର୍ଥନୀତିକୁ ମଜଭୁତ କରିବା ଜରୁରୀ। ମାତ୍ର ସାଧାରଣ ଲୋକଙ୍କ ପକେଟକୁ ରୋଜଗାରର ସୁବିଧା ପହଞ୍ଚାଇବା ପାଇଁ ଯେଉଁ ଉଦ୍ୟମ ଓ ଆଭିମୁଖ୍ୟର ଆବଶ୍ୟକତା ରହିଛି ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ୨୦୨୦-୨୧ ମସିହାର ବଜେଟ ଆକଳନରେ ତାହା ଦେଖାଯାଉନାହିଁ। ରାଜ୍ୟର ଗ୍ରାମାଞ୍ଚଳରେ ପୋଖରୀ ପୁନରୁଦ୍ଧାର ଓ ମାଛ ଚାଷ ପାଇଁ ବ୍ୟୟବରାଦ କରିବା ଦ୍ୱାରା ଗ୍ରାମାଞ୍ଚଳରେ ଚାଷୀମାନଙ୍କ ବିକଳ୍ପ ରୋଜଗାର ବୃଦ୍ଧି ପାଇଁ ସହାୟକ ହୋଇପାରେ। ମୋଦି ସରକାରଙ୍କ ପୂର୍ବୋଦୟର ବିକାଶ ପାଇଁ ପ୍ରାଥମିକତା, ଖଣି ନିଲାମୀ ମାମଲାରେ କେନ୍ଦ୍ର ସରକାରଙ୍କ ନୀତି ସୁଧାର କାରଣରୁ ରାଜ୍ୟକୁ ଲାଭ ଓ ଅଧିକ ବ୍ୟୟବରାଦର ପ୍ରତିଫଳନ ରାଜ୍ୟ ବଜେଟରେ ପ୍ରତିଫଳିତ ହୋଇଛି।

– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

## ଚାଷୀଙ୍କ ପ୍ରତି ବଡ଼ ପ୍ରତାରଣା



ଅତ୍ୟନ୍ତ ନୈରାଶ୍ୟଜନକ ବଜେଟ, ଏଥିରେ କିଛି ନୂଆ ଘୋଷଣା ନାହିଁ। ଯେତେବେଳେ ବଜେଟ ଆସେ ସେତେବେଳେ ଲୋକଙ୍କ ଗୋଟିଏ ଉଦ୍‌ବେଗ ଥାଏ ଏଥର ନୂଆ କ'ଣ ଅଛି, ହେଲେ ଚଳିତଥର କିଛି ନୂତନତ୍ୱ ନାହିଁ। ବିଶେଷ ଭାବେ ନିଯୁକ୍ତି ଓ ଆତ୍ମ ନିଯୁକ୍ତି ସୃଷ୍ଟି କରିବା, ନୂଆ ଶିଳ୍ପ ଉଦ୍ୟୋଗୀ ତିଆରି କରିବା, ଜନଜାତି ବର୍ଗର ବିକାଶ, କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ଯୋଜନା କ୍ଷେତ୍ରରେ କିଛି ନାହିଁ। କାଳିଆ ଯୋଜନାରେ ଅର୍ଥ କାଟ ହେଉଛି। ଚାଷୀମାନଙ୍କ ପ୍ରତି ଏହି ବଜେଟ ସବୁଠାରୁ ବଡ଼ ପ୍ରତାରଣା। ଯେତିକି ଚାଷୀ କାଳିଆରେ ସାମିଲ ଥିଲେ ଏ ବର୍ଷ ସେଥିରୁ ୨୦ଲକ୍ଷ ବଞ୍ଚିତ ହେବେ। ପ୍ରତିବର୍ଷ ଭଳି ଏଥର ମଧ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ବ୍ୟୟ ବରାଦ କରିନାହାନ୍ତି। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାରଙ୍କ ଠାରୁ ଓଡ଼ିଶାକୁ ମିଳିବାକୁ ଥିବା ୩୯୬୨ କୋଟି ଟଙ୍କାକୁ ଚତୁରତାର ସହିତ ବଜେଟ ଭାଷଣରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ମିଳିବ ବୋଲି କହିଛନ୍ତି।

– ପ୍ରଦୀପ୍ତ କୁମାର ନାଏକ, ବିରୋଧୀ ଦଳ ନେତା

## ଶିକ୍ଷା ବିନା ଉନ୍ନତି ଅସମ୍ଭବ



ବଜେଟ ଅତ୍ୟନ୍ତ ନୈରାଶ୍ୟଜନକ, ଦୁଃଖଦାୟକ ଏବଂ ଜନବିରୋଧୀ ଅଟେ। ଅର୍ଥନୀତିକ, ସାମାଜିକ ବିକାଶ ପାଇଁ ସହାୟକ ନୁହେଁ। ଶିକ୍ଷା ବିନା କୌଣସି ରାଜ୍ୟର ଉନ୍ନତି ସମ୍ଭବ ନୁହେଁ। ଗୁଣାତ୍ମକ ଶିକ୍ଷାର ଏକାନ୍ତ ଆବଶ୍ୟକ ଅଛି। ଅର୍ଥନୀତିକ ବିକାଶ ପାଇଁ ଅଧିକ ଅର୍ଥ ଶିକ୍ଷା ଏବଂ କୃଷି କ୍ଷେତ୍ରରେ ବରାଦ କରିବାର ଥିଲା। ମାତ୍ର ଗତବର୍ଷ ଅପେକ୍ଷା ଏଥର କୃଷି ଏବଂ ଶିକ୍ଷା କ୍ଷେତ୍ରରେ ଅନୁଦାନ ହ୍ରାସ କରାଯାଇଛି। ବାହାରକୁ ଚକ୍‌ଚକ୍ ଦେଖାଇବା ଲାଗି ଏହି ବଜେଟ ଉଦ୍ଦିଷ୍ଟ। ମିଛ ଆଶା ଲୋକମାନଙ୍କ ଆଗରେ ଜନ୍ମାଇବା ପାଇଁ ଏହା କରାଯାଇଛି।

– ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା

## ନୈରାଶ୍ୟଜନକ ବଜେଟ



ରାଜ୍ୟ ସରକାର ଆଣିଥିବା ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ହୋଇଛି। ଗତ ବଜେଟରେ ସରକାର ଯାହା କହିଥିଲେ ସେଥିରୁ କୌଣସି ପ୍ରତିଶ୍ରୁତି ପୂରଣ କରିନାହାନ୍ତି। କୃଷି କ୍ଷେତ୍ର ପାଇଁ ମଧ୍ୟ ସେମିତି କିଛି କରିନାହାନ୍ତି। କାଳିଆ ଯୋଜନାରେ ଅନୁଦାନ ପୂର୍ବାପେକ୍ଷା ହ୍ରାସ କରାଯାଇଛି। କେଉଁଆଡୁ ମଧ୍ୟ ବଜେଟ ଠିକ୍ ହୋଇଥିବା ଲାଗୁନାହିଁ। ସରକାର ଏବର୍ଷ ୨୫ହଜାର କୋଟି ଟଙ୍କା ଋଣ କରିବେ ବୋଲି କହୁଛନ୍ତି। ସରକାରଙ୍କ ଏହା ଏକ ନୈରାଶ୍ୟଜନକ ବଜେଟ ଅଟେ।

– ନିରଞ୍ଜନ ପଟ୍ଟନାୟକ, ସଭାପତି, ପ୍ରଦେଶ କଂଗ୍ରେସ କମିଟି

## ବଜେଟକୁ ଜନକୈନ୍ଦ୍ରିକ କରିବାକୁ ଚେଷ୍ଟା କରାଯାଇଛି



ସାମାଜିକ କ୍ଷେତ୍ରରେ ସରକାରଙ୍କ ଯୋଜନାକୁ ଅବ୍ୟାହତ ରଖାଯାଇଛି। ବଜେଟର ଋଣ ଭାରକୁ ଏଫଆରବିଏମ୍ ଆକ୍ଟ ୨୦୦୫ର ଶୃଙ୍ଖଳା ଭିତରେ ମଧ୍ୟ ରଖାଯାଇଛି। ସାମଗ୍ରିକଭାବେ ବଜେଟକୁ ନୂଆ ଦିଶା ଦିଆଯାଇଛି, ନ୍ୟୁଟ୍ରେଶନ କ୍ଷେତ୍ରରେ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଧର୍ମସ୍ଥଳୀଗୁଡ଼ିକୁ ଗୁରୁତ୍ୱ ମିଳିଛି। ଅଭିବୃଦ୍ଧି ହାର ଜାତୀୟ ଏବଂ ରାଜ୍ୟ ସ୍ତରରେ ଖସିବାର ଆଶଙ୍କା ରହିଥିଲେ ମଧ୍ୟ ଜାତୀୟସ୍ତରଠାରୁ ରାଜ୍ୟର ଅଧିକ ରହିଛି। ବଜେଟକୁ ଜନକୈନ୍ଦ୍ରିକ କରିବା ଲାଗି ଚେଷ୍ଟା କରାଯାଇଛି।

– ଶଶିଭୂଷଣ ବେହେରା, ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ

## ବେକାରଙ୍କୁ ନିରାଶ କରିଛି



ହାରାହାରି ବେକାରି ୭.୧ପ୍ରତିଶତରେ ପହଞ୍ଚିଛି ଯାହା ଜାତୀୟ ହାରଠାରୁ ଅଧିକ। ଏଭଳି ସ୍ଥିତିରେ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ପାଇଁ ଅର୍ଥମନ୍ତ୍ରୀ ସେମିତି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏହାଦ୍ୱାରା ରେଜିଷ୍ଟ୍ରିଭୁକ୍ତ ୧୬ଲକ୍ଷ ବେକାର ଯୁବତୀ, ଯୁବକଙ୍କୁ ନିରାଶ କରିଛି। ସେହିପରି ଅନୁସୂଚିତ ଜାତି, ଜନଜାତି ବର୍ଗଙ୍କ ପାଇଁ ବଜେଟରେ ୨୩ହଜାର କୋଟି ଟଙ୍କାର ବ୍ୟବରାଦ କରାଯାଇଛି। ମାତ୍ର ପଛୁଆବର୍ଗଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯାଇ ନାହିଁ। ନିଷ୍କ୍ରିୟ ହୋଇପଡ଼ିଥିବା ପଛୁଆ ବର୍ଗ ଅର୍ଥ ଆୟୋଗକୁ ସକ୍ରିୟ କରି ଏହି ଜାତିର ବେକାର ଯୁବତୀ,ଯୁବକଙ୍କୁ ଆତ୍ମନିଯୁକ୍ତି ଋଣ ଦେବା ପାଇଁ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ।

– ରବି ବେହେରା, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି

## ବଜେଟ କାର୍ଯ୍ୟକାରୀକୁ ଅପେକ୍ଷା



ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓଡ଼ିଶାର ଏକ ବଡ଼ ସମସ୍ୟା। ମାତ୍ର ସେନେଇ ବଜେଟରେ କିଛି ନାହିଁ। ଚଳିତ ବର୍ଷ ଦେଢ଼ ଲକ୍ଷ ଜମିକୁ ଜଳସେଚନ କରିବେ ବୋଲି କହିଛନ୍ତି। ମାତ୍ର କେମିତି କ'ଣ କରିବେ ସେନେଇ କିଛି କହିନାହାନ୍ତି, ଏହା ସେମାନଙ୍କର ଏକ ଧୂଆଁବାଣ। ଦରବୃଦ୍ଧି ରୋକିବା ପାଇଁ କିଛି ବ୍ୟବସ୍ଥା କରାଯାଇନାହିଁ। ଯଦି ସରକାର ସୁଲଭ କେନ୍ଦ୍ର ଖୋଲି ଲୋକମାନଙ୍କୁ ରିହାତି ଦରରେ ସମସ୍ତ ଜିନିଷ ଯୋଗାଇ ପାରିଥାଆନ୍ତେ ତେବେ ଭଲ ହୋଇଥାଆନ୍ତା। ହେଲେ ସରକାର ସବୁକିଛି କର୍ପୋରେଟ ହାତରେ ଛାଡ଼ି ଦେଉଛନ୍ତି। ଯେଉଁ ବଜେଟ ସରକାର ଆଣିଛନ୍ତି ତାକୁ କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବା ଆବଶ୍ୟକ।

– ଜନାର୍ଦ୍ଦନ ପତି, ସିପିଆଇ(ଏମ୍)

# ପ୍ରତି ପଞ୍ଚାୟତକୁ ଡିଜିଟାଲ କନେକ୍ଟିଭିଟି



ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାର ବିକାଶ ରାଜ୍ୟ ସରକାରଙ୍କ ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ବିଭାଗର ବ୍ୟୟ ଅଟକଳକୁ ୨୦୨୦-୨୧ରେ ଦୁଇଗୁଣା କରାଯାଇ ୨୩୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଡିଜିଟାଲ କନେକ୍ଟିଭିଟି ଯୋଗାଇ ଦେବା ନିମନ୍ତେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକ ଯେପରି ଡିଜିଟାଲ କ୍ଷେତ୍ରରେ ବିକଶିତ ହୋଇପାରିବ ତାହା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିବ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିର ବିକାଶ ଏବଂ ସଂଯୋଗୀକରଣ ଲାଗି ୧୧୨ କୋଟି ଟଙ୍କା ଏବଂ ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ)ର ନୂତନ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୬ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଏହାବ୍ୟତୀତ ୫୯ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରଠାରେ ଏକ ଇନୋଭେଶନ ଟାୱାର ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି।

୨୦୧୯-୨୦ ଆର୍ଥିକ ବର୍ଷରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଲାଗି ୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଏହାକୁ ୪୨% ବୃଦ୍ଧି କରି ୧୦୦ କୋଟି ଟଙ୍କା କରାଯାଇଛି। ଏଥିମଧ୍ୟରୁ ସରକାରୀ କୋଠାର ଛାତ ଉପରେ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ଏବଂ ସୌରଶକ୍ତି ବ୍ୟବହାର ମାଧ୍ୟମରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ଲାନେଟୋରିୟମ୍ ଏବଂ ସଂଗ୍ରହାଳୟର ଉନ୍ନୟନ ଲାଗି ଚଳିତ ଆର୍ଥିକ ବର୍ଷରେ ୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ମହିଳା ସଶକ୍ତୀକରଣ

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମମତା ଯୋଜନାରେ ୩୦୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସପ୍ଲିମେଣ୍ଟାରି ନ୍ୟୁଟ୍ରିଶନ ପ୍ରୋଗ୍ରାମ ଅଧୀନରେ ୧,୬୯୧ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। 'ମିଶନ ଶକ୍ତି' ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ସେମାନଙ୍କ ସଂଘର ସହାୟତା ଲାଗି ୩୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟରତ ମହିଳାମାନଙ୍କ ହଷ୍ଟେଲ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।





## ଖାଦ୍ୟ ନିରାପତ୍ତା



ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ ୨୩ ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ମାସିକ ୫ କେ.ଜି. ଚାଉଳ ରିହାତି ଦରରେ କେ.ଜି ପିଛା ୧ ଟଙ୍କା ମୂଲ୍ୟରେ ଯୋଗାଇଦିଆଯାଉଛି। ଏଥିନିମନ୍ତେ ମୋଟ ୧୦୩୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା (ଏନ୍‌ଏଫ୍‌ଏସ୍‌ଏସ୍) ପାଇଁ ୨୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ସୁଲଭ ମୂଲ୍ୟ ଦୋକାନଗୁଡ଼ିକର ଡିଲର ଲାଭାଂଶ ବାବଦକୁ ଓ ପରିବହନ ଖର୍ଚ୍ଚ ପାଇଁ ୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଲାଗି ୬୩୧ କୋଟି ଟଙ୍କାର ଅଂଶଦାନ ପ୍ରଦାନ କରାଯିବ।

## ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ



ଅନୁସୂଚିତ ଜାତି ଓ ଜନଜାତିର ଉପ-ଉପାଦାନ ଅଧୀନରେ ମୋଟ ୨୩୮୦୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆକାଂକ୍ଷା ଯୋଜନା ଅଧୀନରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ସହରାଞ୍ଚଳରେ ଛାତ୍ରୀନିବାସ ନିର୍ମାଣ ପାଇଁ ୨୭୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ବୃତ୍ତି ବାବଦରେ ୯୩୬ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୧୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଭିନ୍ନ ସାମାଜିକ କ୍ଷେତ୍ରର ଉନ୍ନୟନ ପଦକ୍ଷେପ ଓ 'ଅନ୍ୱେଷା' ପାଇଁ ୧୦୩ କୋଟି ଟଙ୍କା ଖର୍ଚ୍ଚ ହେବ।

# ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟସେବା



## ୭ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୫୬୨ କୋଟି

ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଲାଗି ମୋଟ ୭ ହଜାର ୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ବିଗତ ବର୍ଷ ତୁଳନାରେ ୧୪% ଅଧିକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧,୧୦୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ' ପାଇଁ ୫୭୮ କୋଟି, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଲାଗି ୧୬୫୨ କୋଟି ଏବଂ ନିର୍ମଳ ଯୋଜନା ପାଇଁ ୩୬୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି କଟକସ୍ଥିତ ଏସ୍‌ସିବି ମେଡିକାଲକୁ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନରେ ପରିଣତ କରିବା ପାଇଁ ଆଗାମୀ ୨ ବର୍ଷ ମଧ୍ୟରେ ୧,୦୦୦ କୋଟି ଟଙ୍କାର ନିବେଶ ଲକ୍ଷ୍ୟ ରହିଛି। ଏନ୍‌ଟିପିସି ସହାୟତାରେ ପୁରୀ, ଯାଜପୁର, କେନ୍ଦୁଝର, ଭବାନୀପାଟଣା, ସୁନ୍ଦରଗଡ଼ ଏବଂ ଏମ୍‌ସିଏଲ୍ ସହାୟତାରେ ତାଳଚେର ଓ କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୫୬୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭୁବନେଶ୍ୱର ଓ ଅନୁଗୋଳସ୍ଥିତ ଇଏସ୍‌ଆଇ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୨୦ ଚିକିତ୍ସକ ଓ ସରକାରୀ ସ୍ୱାସ୍ଥ୍ୟକର୍ମୀ ପଦବୀ ସୃଷ୍ଟି ଏବଂ ରାଜ୍ୟ କର୍ମଚାରୀ ବୀମା ଯୋଜନା (ଇଏସ୍‌ଆଇ) ଲାଗି ୪୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ଶିକ୍ଷା ଓ ଦକ୍ଷତା ବିକାଶ: ଖର୍ଚ୍ଚ ହେବ ୨୨, ୬୩୧ କୋଟି

ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ ୨୨,୬୩୧ କୋଟିଟଙ୍କାବ୍ୟୟବରାଦକରାଯାଇଛି। ସମଗ୍ର ଶିକ୍ଷା ଅଭିଯାନ ଓ ମଧ୍ୟାହ୍ନଭୋଜନ ପାଇଁ ଯଥାକ୍ରମେ ୩୧୫୭ କୋଟି ଓ ୮୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହାର ୪୦% ହେଉଛି ରାଜ୍ୟ ଅଂଶ। 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' ଯୋଜନା ଅଧୀନରେ ବିଦ୍ୟାଳୟ ସ୍ଥାପନ ଓ ପରିଚାଳନା ପାଇଁ ୪୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୧୦ ହଜାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲକୁ ଏଲ୍‌ପିଜି ସଂଯୋଗ ନିମନ୍ତେ ୮ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। 'ମୋ ସ୍କୁଲ' ଅଭିଯାନ ପାଇଁ ୪୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଏହି ଯୋଜନାରେ ସରକାର ଲୋକଙ୍କ ଦ୍ୱାରା ପ୍ରଦତ୍ତ ରାଶିର ୨ଗୁଣ ପ୍ରଦାନ କରି ବିଜ୍ଞାନାଗାର, ପାଠାଗାର ଓ କ୍ରୀଡ଼ାର ବିକାଶ କରିବେ। 'ମୋ କଲେଜ' ଅଧୀନରେ କର୍ପସ ପାଣ୍ଠି ଲାଗି ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି 'ଗଙ୍ଗାଧର ମେହେର ମାନକ ଶିକ୍ଷା ବୃଦ୍ଧି ଯୋଜନା' (ଜିଏମ୍‌ଏସ୍‌ଏମ୍‌ୱାଇ) ପାଇଁ ୨୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥିରେ ବିଭିନ୍ନ ଶ୍ରେଣୀର ପିଲାଙ୍କୁ ମାଗଣାରେ ସ୍କୁଲ ବ୍ୟାଗ, ପାଠ୍ୟପୁସ୍ତକ, ଜୋତା, ପୋଷାକ, ସାଇକେଲ ଆଦି ଦିଆଯିବା ବ୍ୟବସ୍ଥା ହେବ। ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ବୃତ୍ତି ଆକାରରେ ୧୪୨୫ କୋଟି ଟଙ୍କା ଦିଆଯିବ। ଓଡ଼ିଶା ହାୟର ଏଜୁକେଶନ ପ୍ରୋଗ୍ରାମ୍ ଫର୍ ଏକ୍ସିଲେନ୍ସ ଆଣ୍ଡ୍ ଇକ୍ୟୁଟି (ଓଏଚ୍‌ଇପିଇଇ) ପାଇଁ ୧୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ପାଇଁ ୨୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଅଧୀନରେ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୨୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ପଲିଟେକ୍ନିକ୍ ଏବଂ ଆଇଟିଆଇଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ୧୯୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



## ପାନୀୟ ଜଳ ପାଇଁ ୮ ହଜାର କୋଟି

ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ମୋଟ ୮ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି। ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ଜଳଯୋଗାଣ ପାଇଁ ୩୨୫୦ କୋଟି ଓ ସହରାଞ୍ଚଳ ପାଇଁ ୨୩୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଜଳ ଜୀବନ ମିଶନ ପାଇଁ ୨ ହଜାର କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଥିବାବେଳ ଜଳଯୋଗାଣ ବ୍ୟବସ୍ଥାର କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ପାଇଁ ୫୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ବଜେଟ ବହିର୍ଭୂତ ସମ୍ବଳ ଯଥା- ଜିଲା ଖଣିଜ ସମ୍ପଦ ପାଣ୍ଠି ଓ ଓଡ଼ିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ ଦ୍ୱାରା ପ୍ରଦତ୍ତ ଯଥାକ୍ରମେ ୧୫୩୮ କୋଟି ଓ ୯୯୧ କୋଟି ଟଙ୍କା ଅନୁଦାନକୁ ଏକତ୍ର କରି ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଭୁବନେଶ୍ୱର ଓ ପୁରୀରେ ୯ଟି ପାଇଲଟ ପ୍ରକଳ୍ପ ପାଇଁ ୫୬୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।

**ଭୁବନେଶ୍ୱର ଓ ପୁରୀରେ ୯ଟି ପାଇଲଟ ପ୍ରକଳ୍ପ ପାଇଁ ୫୬୦ କୋଟି**





# ଦୁଇଗୁଣା ହେଲା ପର୍ଯ୍ୟଟନ ବ୍ୟୟବରାଦ

- ପ୍ରତିବର୍ଷ ହେବ 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'
- କୀର୍ତ୍ତିରାଜିର ଉନ୍ନତି ପାଇଁ ହେବ ନୂଆ ଯୋଜନା
- ଇକୋ-ଟୁରିଜମ୍ ଲାଗି ୨୫ କୋଟି

୨୦୨୦-୨୧ ରାଜ୍ୟ ବଜେଟରେ ପର୍ଯ୍ୟଟନ ଉନ୍ନୟନକୁ ପ୍ରାଥମିକତା ଦିଆଯାଇଛି। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରି ଓଡ଼ିଶାକୁ ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଦେବାକୁ ଏହି ବିଭାଗରେ ବ୍ୟୟବରାଦ ଦୁଇଗୁଣା ବୃଦ୍ଧି କରାଯାଇଛି। ଏଥର ୪୦୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ବିଗତବର୍ଷ ମାତ୍ର ୧୯୪ କୋଟି ଥିଲା। ବରାଦ ହୋଇଥିବା ଅର୍ଥରୁ ପ୍ରାୟ ଅଧା ପାଣ୍ଠି ବିଶ୍ୱସ୍ତରୀୟ ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟି ଓ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି।

କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଏଣିକି ପ୍ରତିବର୍ଷ 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍' କରିବାକୁ ସ୍ଥିର ହୋଇଛି। ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ୍, ଭିତରକନିକା, ତାଳସରି ସମେତ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ପୁରାତନ କୀର୍ତ୍ତିରାଜିର ଉନ୍ନତି ପାଇଁ ଏକ ନୂତନ ଯୋଜନା କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ପୂର୍ତ୍ତ ବିଭାଗ ଅଧୀନରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିଭଳି ପୁରୀ ଶାମୁକା ପ୍ରକଳ୍ପ ଲାଗି ମୋଟ ୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଇକୋ ଟୁରିଜମ୍ ତଥା ପରିବେଶ ପର୍ଯ୍ୟଟନସ୍ଥଳୀର ଚିହ୍ନଟ ଏବଂ ତାହାର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ୨୦୨୦-୨୧ ବର୍ଷରେ ମୋଟ ୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ପ୍ରତିଷ୍ଠା ହେବ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ବିକାଶ ଲାଗି ୨୦୨୦-୨୧ ଆର୍ଥିକ ବର୍ଷରେ ୧୬୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ତେବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିମନ୍ତେ ସର୍ବାଧିକ ୫୧ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ସେହିଭଳି ପୁରାତନ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ, ସଂରକ୍ଷଣ ଓ ସୁରକ୍ଷାକୁ ଚଳିତ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଐତିହ୍ୟର ସଂରକ୍ଷଣ ପାଇଁ ପୂର୍ବରୁ ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ରହିଥିବାବେଳେ ବର୍ତ୍ତମାନ ପେସାଗତଭାବେ ଏହି ସଂରକ୍ଷଣ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ଏଥିଲାଗି ଏକ ନୂତନ 'ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ (ଡାଇରେକ୍ଟୋରେଟ୍ ଅଫ୍ ଆର୍କିଓଲୋଜି) ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି। ଏହା ଅଧୀନରେ ରାଜ୍ୟର ଶତାଧିକ ପୁରାତନ କୀର୍ତ୍ତିରାଜି ଏବଂ ଐତିହ୍ୟସ୍ଥଳୀର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ।

## ଅବଢ଼ା, ଏକାମ୍ର ଯୋଜନାକୁ ୮୪୫ କୋଟି

୨୦୨୦-୨୧ ବଜେଟରେ ପୁରୀ ଏବଂ ଭୁବନେଶ୍ୱରର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବାକୁ ଅବଢ଼ା ଯୋଜନା ଏବଂ ଭୁବନେଶ୍ୱର ପାଇଁ ଏକାମ୍ର ଯୋଜନାରେ ସର୍ବାଧିକ ପୁଞ୍ଜି ବିନିଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀରେ ବିଭିନ୍ନ ପ୍ରକଳ୍ପ ତଥା ଶ୍ରୀ ସେତୁ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ବହୁତଳ ବିଶିଷ୍ଟ କାର୍ ରହିବା ସ୍ଥାନ(ମଲ୍ଟି-ଷ୍ଟୋରିଏଡ କାର୍ ପାର୍କିଂ), ନଗରପାଳିକା ବଜାରର ପୁନଃ ଉନ୍ନତୀକରଣ, ସମୁଦ୍ର ବେଳାଭୂମିରେ ଭେଣ୍ଡିଂ ଜୋନ୍ ସ୍ଥାପନ, ସ୍ୱର୍ଗଦ୍ୱାରର ଉନ୍ନତୀକରଣ ପାଇଁ ଯୋଜନା ହୋଇଛି। ଏଥିପାଇଁ ସ୍ୱତନ୍ତ୍ର 'ଅବଢ଼ା ଯୋଜନା' କରାଯାଇଥିବା ବେଳେ ଏହା ଅଧୀନରେ ମୋଟ ୩,୨୦୮ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ତେବେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଯୋଜନାରେ ୬୯୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ଭୁବନେଶ୍ୱର ଏକାମ୍ର ଯୋଜନା ଲାଗି ୭୦୦ କୋଟି ବ୍ୟୟବରାଦ କରାଯାଇଛି। ୨୦୨୦-୨୧ରେ ଏଥିରୁ ୧୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି। ଐତିହ୍ୟ ସହର କଟକ ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବାବେଳେ ସହରରେ ପ୍ରଶସ୍ତ ରାସ୍ତା ନିର୍ମାଣ, ଆନୁଷଙ୍ଗିକ ସୁବିଧା ଉପଲବ୍ଧ, ପାର୍କ, ଆଧୁନିକ ନଗରାଞ୍ଚଳ ଭିତ୍ତିଭୂମି ବିକାଶ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ସବୁଜ ବଳୟ ସୃଷ୍ଟି ଭଳି ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ସ୍ଥିର ହୋଇଛି। ମହାନଦୀ କୂଳରେ ଥିବା ୪୨୪ ଏକର ଜମିକୁ ବ୍ୟବହାରଯୋଗ୍ୟ କରିବାକୁ ପ୍ରସ୍ତାବ ରହିଥିବାବେଳେ ରିଙ୍ଗ୍ ରୋଡ୍‌କୁ ୬ ଲେନ୍ ବିଶିଷ୍ଟ କରିବାକୁ ଯୋଜନା ହୋଇଛି।

### କଟକ ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ





## ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ



ରାଜ୍ୟ ସରକାର ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ବିଭିନ୍ନ ପ୍ରକଳ୍ପ ଲାଗି ଅର୍ଥର ବ୍ୟବସ୍ଥା କରିଛନ୍ତି। ପିଏମ୍‌କେଏସ୍‌ୱାଇ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ଏଆଇବିପି ପ୍ରକଳ୍ପ ପାଇଁ ୧୮୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତ ପ୍ରଖର ନଦୀରେ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ସ ନିର୍ମାଣ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିଲାଗି ଏହି ବର୍ଷ ବଜେଟରେ ୧,୦୯୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍‌ଆଇଡିପି) ଅଧୀନରେ ଚାଲୁଥିବା ଏବଂ ନୂଆ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୯୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟ ପାଇଁ ୧,୦୬୦ କୋଟି, ବିଜୁ କୃଷକ ବିକାଶ ଯୋଜନା ଅଧୀନ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ୩୬୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ୧୨୦୦ ଅଚଳ ଉଠାଜଳସେଚନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଲାଗି ୧୯୩ କୋଟି ଓ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ଯୋଜନା ପାଇଁ ୫୪୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ୨୭ ପୌରାଞ୍ଚଳ ନିକାୟ ସଂସ୍ଥା ଏବଂ ୪୯ ଜଳ ଅଭାବଗ୍ରସ୍ତ ବ୍ଲକ୍‌ରେ ଛାତ ଉପରେ ବର୍ଷାଜଳ ଅମଳ ଓ ଭୂତଳ ଜଳ ସଂରକ୍ଷଣ ପାଇଁ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆର୍‌ଆଇଡିଏଫ୍ ଅଧୀନରେ ଜଳନିଧି ଯୋଜନାରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ପାଇଁ ୧୮୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ୧୫ ହଜାର ଗଭୀର ନଳକୂପ ଖନନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ୪୫୯ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଜଳ ସଞ୍ଚାଳନ କ୍ଷତିକୁ ହ୍ରାସ କରିବା ପାଇଁ କେନାଲ ଲାଇନିଂ ସିଷ୍ଟମ୍ ରିହାବିଲିଟେଶନ୍ ପ୍ରୋଗ୍ରାମ (ସିଏଲ୍‌ଏସ୍‌ଆର୍‌ପି) ଯୋଜନାରେ ୧୯୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୫୩୮ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ୧୫୦ କୋଟି ଏବଂ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ ୯୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ଶିଳ୍ପ ବିକାଶ ଲାଗି ନିବେଶ ହେବ ୫୭୫ କୋଟି



ଶିଳ୍ପ କ୍ଷେତ୍ରରେ ଉନ୍ନୟନ ଓ ପୁଞ୍ଜିନିବେଶକୁ ଆକର୍ଷିତ କରିବା ପାଇଁ ୫୭୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଇଜି ଅଫ୍ ଡୁଇଙ୍ଗ୍ ବିଜନେସର ଅଂଶସ୍ୱରୂପ ଗୋ-ସ୍ୱିଫ୍ଟ, ଗୋ-ସ୍ମାଇଲ, ଗୋ-ପ୍ଲସ୍, ଗୋ-କେୟାର ଆଦି ପୋର୍ଟାଲର ବ୍ୟବହାର କରାଯିବ। ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ଇଡ୍‌କୋକୁ ୨୮୪ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ହସ୍ତତନ୍ତ, ହସ୍ତକଳା, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ର ଲାଗି ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଖଣିଜ କ୍ଷେତ୍ର ପାଇଁ ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ସାମାଜିକ ନିରାପତ୍ତା: ବ୍ୟୟବରାଦ ୩୦୨୪ କୋଟି

ସାମାଜିକ ନିରାପତ୍ତା ଲାଗି ମୋଟ ୩୦୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୧୭୧୮ କୋଟି ଓ ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ୮୦ ବର୍ଷରୁ କମ୍ ବୟସର ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରତିମାସ ୫୦୦ ଟଙ୍କା ହିସାବରେ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ମାସିକ ୭୦୦ ଟଙ୍କା ହିସାବରେ ୪୮ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ବାବଦରେ ୯୨୮ କୋଟି ଟଙ୍କା ଦିଆଯିବ। ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ପାଇଁ ୧୬୪ କୋଟି ଟଙ୍କା, ଜାତୀୟ ଦିବ୍ୟାଙ୍ଗ ଯୋଜନା ଅଧୀନରେ ୧୪ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଦୁଃସ୍ଥ ଓ ପରିତ୍ୟକ୍ତ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏଥିରୁ ୧୬୪ କୋଟି ଟଙ୍କା ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ଖର୍ଚ୍ଚ ହେବ। ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ ୨୫ କୋଟି ଟଙ୍କାର ପ୍ରସ୍ତାବ ରହିଛି।



### ଗ୍ରାମୀଣ ଓଡ଼ିଶା ରୂପାନ୍ତରଣ

## ବିଜୁ ସେତୁ ଯୋଜନାରେ ଖର୍ଚ୍ଚ ହେବ ୧୦୦୦ କୋଟି

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାର ସଂଯୋଜନ ମାଧ୍ୟମରେ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ ୩୯୬୨ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସଡ଼କ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଆର୍‌ଆଇଡିଏଫ୍ ଅଧୀନରେ ବିଜୁ ସେତୁ ଯୋଜନା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ବିଚ୍ଛିନ୍ନ ଗ୍ରାମଗୁଡ଼ିକୁ ସଂଯୋଗ କରିବା ପାଇଁ ୭୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରାମ୍ୟ ସଡ଼କ ଓ ସେତୁଗୁଡ଼ିକର ଉନ୍ନତୀକରଣ ସମ୍ପୂର୍ଣ୍ଣ କରିବା ଲାଗି ୩୭୫ କୋଟି ଖର୍ଚ୍ଚ ହେବ। ସେହିପରି ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମାଞ୍ଚଳ ଉପାଦାନ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବିଜୁଳି, ସଡ଼କ ଓ ପାଣି ଯୋଗାଇଦେବା ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୫୮୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍‌ବାନ ମିଶନ ଅଧୀନରେ ୮୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

### ସହରାଞ୍ଚଳ ରୂପାନ୍ତରୀକରଣ

## ଭୁବନେଶ୍ୱର, ରାଉରକେଲା ସ୍ମାର୍ଟ ସିଟିର ଉନ୍ନତି ପାଇଁ ୨୦୦ କୋଟି

ଓଡ଼ିଶାର ସହରାଞ୍ଚଳ ଉନ୍ନତି ପାଇଁ ୬,୧୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରୁ ଭିତ୍ତିଭୂମି ବିକାଶ ପାଇଁ 'ଉନ୍ନତି' ଯୋଜନାରେ ୩୫୧ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ 'ବସୁଧା' ଯୋଜନାରେ ଜଳଯୋଗାଣ ପାଇଁ ୨୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜାଇକା ସହାୟତାରେ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ପାଇଁ ୩୦୦ କୋଟି ଏବଂ ଭୁବନେଶ୍ୱର-କଟକରେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ଲାଗି ୧୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସଡ଼କ ପରିବହନ ପାଇଁ ୨୦୦ କୋଟି ଖର୍ଚ୍ଚ କରାଯିବ, ଯେଉଁଥିରେ ଭୁବନେଶ୍ୱରରେ ବସ୍ ପରିବହନ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଅନୁରୂପ ଭାବେ ସହରାଞ୍ଚଳ ଗୃହ ନିର୍ମାଣ ପାଇଁ ୫୧୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ସ୍ୱଚ୍ଛ ଭାରତ ମିଶନର ସହରାଞ୍ଚଳ ଉପାଦାନ ଲାଗି ୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜାତୀୟ ସହରାଞ୍ଚଳ ଜୀବିକା ମିଶନ ପାଇଁ ୫୫ କୋଟି ଟଙ୍କା ଖର୍ଚ୍ଚ ହେବ। ଭୁବନେଶ୍ୱର, ରାଉରକେଲା ସ୍ମାର୍ଟ ସିଟିର ଉନ୍ନତି ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଜାଗା ମିଶନ ଅଧୀନରେ ୨୯୧୯ ବସ୍ତିକୁ ବସବାସ ଉପଯୋଗୀ କରିବା ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## କ୍ରୀଡ଼ା, ଯୁବସେବା: ୩୦୧କୋଟି

ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଥିବାବେଳେ କ୍ରୀଡ଼ାକ୍ଷେତ୍ରର ବିକାଶକୁ ୨୦୨୦-୨୧ ବଜେଟରେ ପ୍ରାଥମିକତା ଦିଆଯାଇଛି। 'କ୍ରୀଡ଼ାକ୍ଷେତ୍ରରେ ବିନିଯୋଗ ଅର୍ଥାତ୍ ଯୁବଶକ୍ତିରେ ବିନିଯୋଗ ଏବଂ ଯୁବଶକ୍ତିରେ ବିନିଯୋଗ ଅର୍ଥ ଭବିଷ୍ୟତ ପାଇଁ ବିନିଯୋଗ'ର ପ୍ରତିଫଳନ ଏହି ବଜେଟରେ ଦେଖିବାକୁ ମିଳିଛି। କ୍ରୀଡ଼ା ଓ ଯୁବସେବା ପାଇଁ ମୋଟ ୩୦୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ କ୍ରୀଡ଼ା ଭିତ୍ତିଭୂମି ବିକାଶ ଲାଗି ୧୪୦ କୋଟି ଟଙ୍କା ଏବଂ କ୍ରୀଡ଼ା ଶିକ୍ଷା ପାଇଁ ୯୧ କୋଟି ଟଙ୍କା ବ୍ୟୟବରାଦ ରହିଛି। ବେଲ୍‌ଜିୟମ୍, ଅଷ୍ଟ୍ରେଲିଆ, ସିଙ୍ଗାପୁର ଭଳି ଶକ୍ତିଶାଳୀ ରାଷ୍ଟ୍ରକୁ ପଛରେ ପକାଇ ଓଡ଼ିଶା କ୍ରମାଗତ ଦ୍ୱିତୀୟ ଥର ଲାଗି ହକି ବିଶ୍ୱକପ୍ ଆୟୋଜନ କରିବାକୁ ମନୋନୀତ ହୋଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରିବା ସହିତ ଦୌଡ଼କୁଦ, ବନ୍ଧୁକଚାଳନା, ଭାରୋତ୍ତୋଳନ, ହକି, ବ୍ୟାଡ୍‌ମିଣ୍ଟନ ଭଳି ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ହାଇ ପର୍ଫର୍ମାନ୍ସ ସେଣ୍ଟର ସ୍ଥାପନ କରାଯାଇଥିବା ବେଳେ ଆଗକୁ ଏ କ୍ଷେତ୍ରରେ ଅଧିକ ବିକାଶ ଲକ୍ଷ୍ୟ ରଖାଯାଇଛି।

## ବିପର୍ଯ୍ୟୟ ପରିଚାଳନା: ୩୨୦୦ କୋଟି

ବିପର୍ଯ୍ୟୟ ପରିଚାଳନା ପାଇଁ ଚଳିତ ବଜେଟରେ ୩୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି(ଏସ୍‌ଡିଆର୍‌ଏଫ୍) ପାଇଁ ୧୭୧୧ କୋଟି, ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠି(ଏନ୍‌ଡିଆର୍‌ଏଫ୍) ପାଇଁ ୧୦୦୦ କୋଟି, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଏମ୍‌ଏଫ୍) ପାଇଁ ୪୨୮ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଏମ୍‌ଏଫ୍) ଲାଗି ୪୩ କୋଟି ଟଙ୍କା ଖର୍ଚ୍ଚବରାଦ ରହିଛି। ଏହାବ୍ୟତୀତ ବିଶ୍ୱ ବ୍ୟାଙ୍କ ଓଡ଼ିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ(ଓଡିଆର୍‌ପି) ଲାଗି ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଜଙ୍ଗଲ ପରିସୀମା ବୃଦ୍ଧି: ୧୯୬୦କୋଟି

ଜଙ୍ଗଲ ପରିସୀମା ବୃଦ୍ଧି କରିବାକୁ ୨୦୨୦-୨୧ ବଜେଟରେ ଗୁରୁତ୍ୱ ଦିଆଯାଇ ୧୯୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ୯୦୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥର ଏହାକୁ ଦୁଇଗୁଣାରୁ ଅଧିକ ବୃଦ୍ଧି କରାଯାଇଛି। କାମ୍ପା ଫଣ୍ଡରୁ ୮୫୦ କୋଟି ଟଙ୍କା ରାଜ୍ୟର ସବୁଜ ବଳୟ ବୃଦ୍ଧି ଯୋଜନାରେ ବନୀକରଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ୩୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିଭଳି ଜାଇକା ସାହାଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ୨୧୭ କୋଟି ଟଙ୍କା, ବନ୍ୟଜନ୍ତୁ ସୁରକ୍ଷା କାର୍ଯ୍ୟରେ ୨୫ କୋଟି ଟଙ୍କା ଏବଂ 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିଭଳି 'ଗ୍ରୀନ ମହାନଦୀ ମିଶନ' ପାଇଁ ୩୧ କୋଟି ଟଙ୍କା ଖର୍ଚ୍ଚବରାଦ ରହିଛି।

## ବିଭାଗ ୱାରି ବଣ୍ଟନ

| | କୋଟିରେ |
|---|---|
| ଗୃହ ବିଭାଗ | ୫,୫୦୭.୩୮ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୨୨.୬୦ |
| ରାଜସ୍ୱ ବିପର୍ଯ୍ୟୟ ପରିଚାଳନା | ୧୩୩୫.୩୪ |
| ଆଇନ | ୪୬୬.୧୬ |
| ଅର୍ଥ | ୩୫୧୪୧.୮୦ |
| ବାଣିଜ୍ୟ | ୯୧.୨୮ |
| ପୂର୍ତ୍ତ | ୬୦୦୦.୧୬ |
| ବିଧାନସଭା | ୧୨୧.୦୩ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୮୯୬.୭୮ |
| ବିଦ୍ୟାଳୟ ଓ ଗଣ ଶିକ୍ଷା | ୧୭୪୫୮.୪୨ |
| ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | ୩୮୦୮.୩୬ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୭୬୯୯.୮୪ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୬୧୭୯.୬୫ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୨୦୬.୧୭ |
| କ୍ରୀଡ଼ା ଓ ଯୁବସେବା | ୩୦୧.୦୪ |
| ଯୋଜନା ଓ ସଂଯୋଜନା | ୧୧୮୧.୨୩ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୧୭,୬୦୫.୮୫ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ | ୨.୧୮ |
| ଶିଳ୍ପ | ୫୫୦ |
| ଜଳ ସମ୍ପଦ | ୯୩୭୪.୪୬ |
| ପରିବହନ | ୮୪୪.୫୬ |
| ଜଙ୍ଗଲ ଓ ପରିବେଶ | ୧୧୩୪.୫୭ |
| କୃଷି ଓ କୃଷକ ସଶକ୍ତୀକରଣ | ୬୮୧୭.୧୩ |
| ଇସ୍ପାତ ଓ ଖଣି | ୧୮୨.୨୨ |
| ସୂଚନା ଓ ଲୋକ ସମ୍ପର୍କ | ୧୧୦.୬୨ |
| ଅବକାରୀ | ୧୬୨.୮୬ |
| ବିଜ୍ଞାନ ଓ ବୈଷୟିକ ବିଭାଗ | ୧୦୦ |
| ଗ୍ରାମ୍ୟ ଉନ୍ନୟନ | ୫୫୪୯.୪୨ |
| ସଂସଦୀୟ ବ୍ୟାପାର | ୬୬.୮୨ |
| ଶକ୍ତି | ୧୮୬୦.୭୩ |
| ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ | ୧୯୯.୬୨ |
| ପର୍ଯ୍ୟଟନ | ୪୦୦.୬୯ |
| ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ | ୧୨୧୧.୦୨ |
| ସମବାୟ | ୧୭୦୦.୩୯ |
| ସରକାରୀ ଉଦ୍ୟୋଗ | ୮.୬୭ |
| ମହିଳା, ଶିଶୁବିକାଶ ଓ ମିଶନ ଶକ୍ତି | ୪୦୭୪.୬୪ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୨୩୬.୨୮ |
| ଉଚ୍ଚଶିକ୍ଷା | ୨୪୦୬.୫୧ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୮୨୫.୦୧ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୨୫୦ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୩୦୨୪.୨୬ |
| ବିପର୍ଯ୍ୟୟ ପରିଚାଳନା | ୩୩୨୨.୪୩ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୧୬୧.୮୧ |
| ମୋଟ | ୧,୫୦,୦୦୦ |

## କେଉଁ ଯୋଜନା ପାଇଁ କେତେ

| | କୋଟିରେ |
|---|---|
| ବିପର୍ଯ୍ୟୟ ପ୍ରଶମନ ବ୍ୟୟ | ୩,୨୦୦ |
| ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା | ୧୦୦ |
| ମହିଳା ଓ ଶିଶୁ ବିକାଶ | ୪୦୭୫ |
| ମଧୁବାବୁ ପେନ୍‌ସନ ଯୋଜନା | ୧୮୧୮ |
| ଖାଦ୍ୟ ନିରାପତ୍ତା ସୁନିଶ୍ଚିତ | ୧୦୩୮ |
| ଏମ୍‌ଜିଏନ୍‌ଆର୍‌ଇଜିଏସ୍ | ୧୫୦୧ |
| ଜାତୀୟ ଜୀବିକା ମିଶନ | ୮୫୨ |
| ରେଳ ଭିତ୍ତିଭୂମି | ୪୦୦ |
| ଏୟାରଷ୍ଟ୍ରିପ ନିର୍ମାଣ | ୧୦୦ |
| ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ | ୨୩,୮୦୮ |
| ସ୍ମାର୍ଟ ସିଟି ବିକାଶ ପାଇଁ | ୨୦୦ |
| ନୂତନ ସହରର ବିକାଶ | ୫୦ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୬୧୮୦ |
| ପାଇପ ଜଳ ଯୋଗାଣ ଲାଗି ୮୦୦୦ | |
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର | ୩୯୬୨ |
| ମମତା ଯୋଜନା | ୩୦୫ |
| ଖଣି କ୍ଷେତ୍ର | ୧୮୨ |
| ଗ୍ରୀନ୍ ମହାନଦୀ ମିଶନ | ୩୧ |
| ପର୍ଯ୍ୟଟନ କ୍ଷେତ୍ର ବିକାଶ | ୪୦୧ |
| ଓଡ଼ିଆ ଭାଷା ଓ ସଂସ୍କୃତି | ୧୬୨ |
| ଆଭ୍ୟନ୍ତରୀଣ ସୁରକ୍ଷା | ୫୯୭୪ |
| ରୁଫ୍ ଟପ୍ ଓ ଭୂତଳ ଜଳ ରିଚାର୍ଜ ନିମନ୍ତେ ୫ବର୍ଷରେ ଖର୍ଚ୍ଚ ହେବ | ୨୪୬ |
| ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଓ ଉନ୍ନୟନ ସଂସ୍ଥା ବ୍ୟୟ | ୭,୧୪୫ |
| ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ | ୧୦୬୦ |
| ୨୦୨୦ ମେକ୍ ଇନ୍ ଓଡ଼ିଶା ପାଇଁ ଇପିକଲ୍‌କୁ | ୭୦ |

## ସଂକ୍ଷେପରେ

### କଳିଙ୍ଗା ଘାଟିରେ ଟ୍ରକ୍ ଦୁର୍ଘଟଣା, ଡ୍ରାଇଭର ଆହତ



ଜି.ଉଦୟଗିରି,୧୮।୨(ଡି.ଏନ.ଏ.)- ଜି.ଉଦୟଗିରି ନିକଟ କଳିଙ୍ଗା ଘାଟିରେ ଏକ ମାଲବାହୀ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଡ୍ରାଇଭର ଆହତ ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରେ, ମଙ୍ଗଳବାର ଅପରାହ୍ନ ୫ଟା ବେଳେ କଳିଙ୍ଗାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ମକାମଞ୍ଜି ବୋଝେଇ ଟ୍ରକ ( ଓଆର୦୨ଜେ୨୯୮୬) କଳିଙ୍ଗା ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଆହତ ହୋଇଛନ୍ତି। ଡ୍ରାଇଭର ଭିକି କରମଲ ଗାଡ଼ିରୁ ଡେଇଁ ପଡ଼ିବା ଫଳରେ ଅଧିକ ଆହତ ହୋଇଥିଲେ। ଘଟଣାସ୍ଥଳରେ ଜି.ଉଦୟଗିରି ଅଗ୍ନିସେବା ଗାଡ଼ି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

### ଧରାକୋଟରେ ସ୍ଥାୟୀ ତହସିଲଦାର ନିଯୁକ୍ତି

ଧରାକୋଟ,୧୮।୨(ଡି.ଏନ.ଏ.)- ଧରାକୋଟ ତହସିଲରେ ଦୀର୍ଘ ୬ ମାସ ପରେ ସ୍ଥାୟୀ ତହସିଲଦାର ଭାବେ କବିରାଜ ପ୍ରଧାନ ନିଯୁକ୍ତି ପାଇଛନ୍ତି। ଏଠାରେ କାର୍ଯ୍ୟରତ ତହସିଲଦାର ଗଦାଧର ପାତ୍ରଙ୍କୁ କୁକୁଡ଼ାଖଣ୍ଡି ବିଡିଓ ଭାବେ ବଦଳି କରାଯିବା ପରେ ସୋରଡ଼ା ଅତିରିକ୍ତ ତହସିଲଦାର କୁରେଶ ଚନ୍ଦ୍ର ଜାନି ଏବଂ ତାଙ୍କ ଠାରେ ଅତିରିକ୍ତ ତହସିଲଦାର କବିରାଜ ପ୍ରଧାନ ଭାରପ୍ରାପ୍ତ ତହସିଲଦାର ଭାବେ ୨୦୧୯ ନଭେମ୍ବର ୨୬ ତାରିଖଠାରୁ ଦାୟିତ୍ୱ ତୁଲାଇ ଆସୁଥିଲେ। ସମ୍ପ୍ରତି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ଚିଠି ନଂ. ୭୪୯୧ ପ୍ରକାରେ ତାଙ୍କୁ ଧରାକୋଟର ସ୍ଥାୟୀ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନ ଏହା ପୂର୍ବରୁ ଭୁବନେଶ୍ୱର ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ।

### ଶାଳଗଛ କାଟିବା ଅଭିଯୋଗ, ଜଣେ କୋର୍ଟ ଚାଲାଣ

ଦାରିଙ୍ଗବାଡ଼ି,୧୮।୨(ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ବନ ବିଭାଗ ପକ୍ଷରୁ ଶାଳଗଛ କାଟିବା ଅଭିଯୋଗରେ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ବନାଞ୍ଚଳ କାଟିଙ୍ଗିଆ ପଞ୍ଚାୟତ ଡିଆରିଗାଁର ରାଧାକାନ୍ତ ପ୍ରଧାନ। ବନାଞ୍ଚଳ ଅଧିକାରୀ ପ୍ରଦୀପ ବେହେରା କହିଛନ୍ତି, ରାଧାକାନ୍ତ ଜଣେ କାଠମାଫିଆ ଏବଂ ଦିର୍ଘଦିନ ଧରି ଉକ୍ତ ଅଞ୍ଚଳରେ ଶାଳ କାଠ ସମେତ ବହୁ ମୁଲ୍ୟବାନ କାଠ କାଟି ବିକ୍ରି କରୁଥିଲେ। ସେ କାଟିଙ୍ଗିଆ ସଂରକ୍ଷିତ ଜଙ୍ଗଲରୁ ଶାଳ କାଠ କାଟୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ହରିଶ ପ୍ରଧାନ ଏବଂ ଅନ୍ୟକର୍ମଚାରୀ ଚଢ଼ାଉ କରି ରାଧାକାନ୍ତଙ୍କୁ ଗିରଫ କରି ଦାରିଙ୍ଗବାଡ଼ି ପ୍ରଥମ ଶ୍ରେଣୀ ବିଚାର ବିଭାଗରେ ହାଜର କରାଇଥିଲେ। ଜାମିନ ନାଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କୁ ଅଧିକା ପଚରାଉଚରା କରିବାକୁ ବନବିଭାଗ ରିମାଣ୍ଡରେ ଆଣିବ ବୋଲି ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି।

# ୪ ପଞ୍ଚାୟତରେ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

- ହାଣ୍ଡିଘର ପଞ୍ଚାୟତର ସରକାରୀ ଅର୍ଥ ଲୁଟ
- ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାରୁ ଲୋକେ ଅସନ୍ତୁଷ୍ଟ

ପୁରୁଷୋତ୍ତମପୁର,୧୮।୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକରେ ଅଧ୍ୟକ୍ଷଙ୍କୁ ପଦବୀରୁ ହଟାଇବା ଲାଗି ଚର୍ଚ୍ଚା ଚାଲିଥିବା ବେଳେ ୪ ପଞ୍ଚାୟତରେ ଅନିୟମିତତା ଅଭିଯୋଗ ହୋଇଛି। ଏଥିପାଇଁ ଜିଲାପାଳ ବ୍ଲକର ବଡଖରିଡା, ଅନ୍ତରିଗାଁ, ରାଇପୁର ଓ ଜଗନ୍ନାଥପୁର ପଞ୍ଚାୟତରେ ତଦନ୍ତ ଲାଗି ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଚିଠି ନଂ. ୨୯୪ ପ୍ରକାରେ ୧୫.୨.୨୦୨୦ରେ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଛତ୍ରପୁର, ସହକାରୀ ଯୋଗାଣ ଅଧିକାରୀ ଉପଜିଲାପାଳ କାର୍ଯ୍ୟାଳୟ ଛତ୍ରପୁର, ପୁରୁଷୋତ୍ତମପୁର ବ୍ଲକର ସହକାରୀ ଯନ୍ତ୍ରୀ ଓ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କୁ ଏକ ସପ୍ତାହ ମଧ୍ୟରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ତଦନ୍ତ କେବଳ ଅନାସ୍ଥା ପ୍ରସ୍ତାବକୁ ଏଡାଇବା ଲାଗି ଏକ ପ୍ରକାର ପ୍ରୟାସ ବୋଲି ଏଠାରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କୁ ପଦବୀରୁ ହଟାଇବା ଲାଗି ଗତ ଅକ୍ଟୋବର ୨୫ ତାରିଖରୁ ସଂଖ୍ୟାଧିକ ସରପଞ୍ଚ ଓ ସମିତିସଭ୍ୟ ଏକତ୍ରିତ ହୋଇ ଗୋଟିଏ ପରେ ଗୋଟିଏ ଯୋଜନା କରି ଶେଷରେ ଅନାସ୍ଥା ପ୍ରସ୍ତାବ ଲାଗି ଅଭିଯୋଗ କରିଛନ୍ତି। ମାତ୍ର ଦୀର୍ଘଦିନ ବିତିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହା ଦ୍ୱାରା ବ୍ଲକରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ବ୍ଲକର ହାଣ୍ଡିଘର ପଞ୍ଚାୟତରେ ସରକାରୀ ଅର୍ଥ ୧୬ ଲକ୍ଷ ୮୫ ହଜାର ୧୨୦ଟଙ୍କାକୁ ସରପଞ୍ଚ ସୂର୍ଯ୍ୟ ନାରାୟଣ ଗୌଡ ବ୍ୟାଙ୍କରୁ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ସରପଞ୍ଚଙ୍କ ସମେତ ୩ ଜଣଙ୍କ ନାଁରେ ସ୍ଥାନୀୟ ପୋଲିସ ୨୦୧୯ ଜାନୁୟାରୀ ୨୧ରେ ନଂ. ୧୭/୧୯ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସରପଞ୍ଚଙ୍କ ୨ ସହଯୋଗୀଙ୍କୁ ୮ ମାସ ପରେ ପୋଲିସ ଗିରଫ କରିଥିଲା। ଏଥିସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ମହାନ୍ତିଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତ ସରପଞ୍ଚ ଗୌଡଙ୍କୁ ଘଟଣାର ଏକ ବର୍ଷ ବିତିଥିଲେ ସୁଦ୍ଧା ପୋଲିସ ଗିରଫ କରିପାରୁନାହିଁ। ତେଣୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି।

# ଛାତ୍ରୀ ପାଇଲେ ଆଡ୍‌ମିଟ୍ କାର୍ଡ

**ଧରିତ୍ରୀ ପ୍ରଭାବ**

ଗଞ୍ଜାମ,୧୮।୨(ଡି.ଏନ.ଏ.)

ହୁମ୍ମା ବୀରଭଦ୍ର ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ଡି. ଲିଲି ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ ମଧ ତାଙ୍କର ଆଡମିଟ କାର୍ଡ ଆସି ନ ଥିଲା। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକଙ୍କ ଭୁଲ ଯୋଗୁ ଆଡମିଟ କାର୍ଡ ଆସି ନ ଥିବା ଲିଲିଙ୍କ ବାପା ଜି. ଭାସ୍କର ରେଡ୍ଡୀ ଜଣାଇଥିଲେ। ଏ ନେଇ ଗତ ୧୩ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପରୀକ୍ଷାର ଦିନକ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଲିଲିଙ୍କୁ ଆଡ୍‌ମିଟ୍ କାର୍ଡ ମିଳିଛି। ସୂଚନାଯୋଗ୍ୟ, ଆଡମିଟ କାର୍ଡ ମିଳି ନ ଥିବା ସମ୍ପର୍କରେ ଲିଲିଙ୍କ ବାପା ଗଞ୍ଜାମ ବିଇଓ, ଏବିଇଓ, ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିସହିତ ସ୍ଥାନୀୟ ବିଧାୟକ ସୁବାସ



ଆଡ୍‌ମିଟ୍ କାଡ ସହ ଡି.ଲିଲି।

ଚନ୍ଦ୍ର ବେହେରାଙ୍କୁ ମଧ ଅବଗତ କରାଇଥିଲେ। ପରେ ବିଜ୍ଞାନ ଶିକ୍ଷକ ସୁନୀଲ କୁମାର ବେହେରା କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟକୁ ଯାଇଥିଲେ। ମଙ୍ଗଳବାର ଆଡମିଟ କାର୍ଡ ପାଇବା ପରେ ଧରିତ୍ରୀ ଏବଂ ଜିଲା ପ୍ରଶାସନକୁ ଲିଲି ଧନ୍ୟବାଦ ଜଣାଇଛନ୍ତି।

# ଖଜୁରିପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ




ମଞ୍ଚାସୀନ ଅତିଥିବୃନ୍ଦ ।

ଖଜୁରିପଡା,୧୮।୨(ଡି.ଏନ.ଏ.)

ଖଜୁରିପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଯୋଗଦେଇ କହିଥିଲେ କେବଳ ପାଠ୍ୟପୁସ୍ତକକୁ ମୁଖସ୍ଥ କରି ଭଲ ମାର୍କ ପାଇଲେ ଜ୍ଞାନ ବୃଦ୍ଧି ହୁଏ ନାହିଁ ବରଂ ଭଲ ଚରିତ୍ରବାନ, ଦାୟିତ୍ୱବାନ, ସଚ୍ଚୋଟତା, ସମାଜସେବା ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ହେବ। ମୁଖ୍ୟବକ୍ତା ଭାବେ ଖଜୁରିପଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ରନାଥ କହଁର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଖଜୁରିପଡା ବ୍ଲକ ଜିଲା ପରିଷଦ ୪ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ଅନୁରାଧା ସାହୁ ଯୋଗଦେଇ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ସାମାଜିକ କର୍ମୀ ବୈଦ୍ୟନାଥ ବେହେରା ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସୂଚନା ପ୍ରଦାନ କରି କହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଯୋଗଦେଇଥିଲେ।

## ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜ ମହାସଭା

କନିଷି,୧୮।୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ଶ୍ରୀ ଅଖିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ମହାସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ଉପସଭାପତି ଡି.ଫକୀରଙ୍କ ସଭାପତିତ୍ୱରେ ୫୬ ଖଣ୍ଡ ଗ୍ରାମର ବ୍ୟକ୍ତି ଯୋଗଦେଇ ସମାଜର ବିବାହ ପାଇଁ କୂଳ ତରଫରୁ ନୂତନ ଭାବେ ନିୟମ ପାଳନ କରାଯାଇଥିଲା। ବଡ଼କୁଟୁ, ଆଗୁରାମ, ରାମୟାପଲ୍ଲୀ, ଭାଗିନୀପେଣ୍ଠ ଗ୍ରାମରେ ଏହାକୁ ନେଇ ଅସନ୍ତୋଷ ରହିଥିଲା। ଏହି ମହାସଭାରେ ସମାଧାନ କରାଯାଇଥିଲା। ଏଥିରେ କୀର୍ତ୍ତିପୁର, ଲହୁଡ଼ିଗାଁ, ଶୋଳବିନ୍ଧା, ନୂଳାକମଳାପୁର, ବକ୍ସିପଲ୍ଲୀ, ଗିରିସୋଲା, ପାଟସୁନ୍ଦରପୁର, ଅନନ୍ତରାୟପୁର ଗ୍ରାମର ଭଦ୍ରବ୍ୟକ୍ତି ଓ ନାଇଡୁମାନେ ଯୋଗ ଦେଇଥିଲେ। କ୍ଷତ୍ରିୟ ସମାଜର ସଭାପତି ଏନ୍.ନାଗରାଜୁ, ସମ୍ପାଦକ ଟି.ମୋହନ ରାଓ, ଟି.ପୁରୁଷୋତ୍ତମ, ଏସ୍.କୃପାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଶିବିରରେ ଉପସ୍ଥିତ ଅତିଥି ।

ଫିରିଙ୍ଗିଆ, ୧୮।୨

ଫିରିଙ୍ଗିଆ ପଞ୍ଚାୟତ ଜୁନିୟର ମହାବିଦ୍ୟାଳୟରେ ଚାଲିଥିବା ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ୧୭ ଦିନ ଧରି ଚାଲିଥିବା ଏହି ଶିବିରରେ ବିଷ୍ଣୁପ୍ରିୟା କହଁର ଓ ସୁକାନ୍ତି ସାହୁ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଲାଗି ବିଭିନ୍ନ କୌଶଳ ତାଲିମ ଦେଇଥିଲେ । ଶିବିରରେ ତାଲିମ ନେଇଥିବା ମୋଟ ୧୩୫ ଛାତ୍ରୀଙ୍କୁ ମାନପତ୍ର ଦିଆଯାଇଥିଲା । ଓଡିଆ ଅଧ୍ୟାପିକା ପ୍ରଭାତୀ ପାତ୍ର ଓ କ୍ରୀଡା ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଚିତ୍ତରଞ୍ଜନ ମିଶ୍ର, ଶଙ୍କରାଖୋଲ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପ୍ରଧାନ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ମହାନ୍ତି, ଡା. ବାବୁଲା ପାଟଯୋଶୀ ଯୋଗ ଦେଇଥିଲେ ।

# ହାଇୱା ପଛରେ ପିଟିହେଲା ବାଇକ୍, ୨ ଯୁବକ ମୃତ

ଗୋପାଳପୁର/କନିଷି, ୧୮।୨ (ଡି.ଏନ.ଏ.)

ଗୋଳନ୍ଥରା ଚଟି ଛକରେ ସୋମବାର ରାତିରେ ଏକ ହାଇୱା ପଛରେ ବାଇକ୍ ପିଟି ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଗୋଳନ୍ଥରା ଥାନା ନିମକୁଡିଆ ଗ୍ରାମର କାଳିଆ ପ୍ରଧାନ ଓ ସୋରଳ ଜଙ୍କଶନ ନିକଟରେ ରହୁଥିବା ବିହାରର ଗଣେଶ ଚୌଧୁରୀ। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁତର ଆହତ ଭାଲିଆଗଡ ଗ୍ରାମର ଏ. କୃଷ୍ଣ ଦୋରା ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୋମବାର ରାତିରେ କାଳିଆ, ଗଣେଶ ଓ କୃଷ୍ଣ ବ୍ରହ୍ମପୁରରୁ କାମ ସାରି ବାଇକ (ନଂ.ଓଡି୦୭ପି୧୯୬)ରେ ସୋରଳ ଜଙ୍କଶନକୁ ଫେରୁଥିଲେ। ଗୋଳନ୍ଥରା ଚଟି ଛକ ନିକଟରେ ଠିଆ ହୋଇଥିବା ଚିପ୍ସ ବୋଝେଇ ହାଇୱା (ନଂ.ଓଡି୦୨ଏମ୪୪୫୪) ପଛରେ ବାଇକଟି ଭାରସାମ୍ୟ ହରାଇ ପିଟି ହୋଇଥିଲା। ଫଳରେ ୩ ଆରୋହୀ ଗୁରୁତର ଆହତ ହୋଇଥିଲେ। ଖବରପାଇ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ସେଠାରେ କାଳିଆ ଓ ଗଣେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ନଂ.୪୮/୨୦ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ହାଇୱା ଓ ବାଇକକୁ ଜବତ କରାଯାଇଥିବା ଥାନାଧିକାରୀ ନାୟକ ସୂଚନା ଦେଇଛନ୍ତି।

## କୋଠାବାଡ଼ି ନିର୍ମାଣ ଶ୍ରମିକ ସଂଘ ବୈଠକ

କନିଷି,୧୮।୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଶ୍ରୀ ଚନ୍ଦ୍ରକଣ୍ଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଚନ୍ଦ୍ରକଣ୍ଟେଶ୍ୱର କୋଠାବାଡ଼ି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ସଭାପତି ଡ. ଭଗବାନ ଗନ୍ତାୟତ ସଭାପତିତ୍ୱ କରିଥିଲେ। ଏଥିରେ ଶ୍ରମିକ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଭା ପ୍ରାରମ୍ଭରେ ମେଣ୍ଟରାଜପୁରରେ ୧୧ କେଭି ବିଦ୍ୟୁତ୍ ତାର ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସଭାପତି ପ୍ରଶାନ୍ତ ପାତ୍ର, ସମ୍ପାଦକ ଡମ୍ବରୁଧର ରଣା, ସହ ସମ୍ପାଦକ କମଳ ଲୋଚନ ସାହୁ, କୋଷାଧ୍ୟକ୍ଷ ହରିକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦ ସାହୁ, ନରସିଂହ ମହାରଣା, ରଙ୍କନିଧି ନାୟକ, ଉଦୟ ଦାସ, ବିଜୟ ନାୟକ, ରାଜେଶ ଦୋରା, ପୁରୁଷୋତ୍ତମ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦାରିଙ୍ଗବାଡ଼ିର ୨ କେନ୍ଦ୍ରରେ ସିସିଟିଭି କ୍ୟାମେରା

**ମାଟ୍ରିକ ପରୀକ୍ଷା**

ଦାରଙ୍ଗବାଡ଼ି,୧୮।୨(ଡି.ଏନ.ଏ)

ବୁଧବାରଠାରୁ ମାଟ୍ରିକ୍ ପରୀକ୍ଷା। ଦାରିଙ୍ଗବାଡ଼ି ବ୍ଲକରେ ମୋଟ ୭ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ମୋଟ ୧,୭୭୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରେ ରେଗୁଲାର ୧୪୩୫ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଏକ୍ସରେଗୁଲାର ୩୪୧ ଛାତ୍ରୀଛାତ୍ର ରହିଛନ୍ତି। ସେଥିମଧ୍ୟରୁ ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୯୩ ଜଣଙ୍କ ମଧ୍ୟରୁ ରେଗୁଲାର ୧୯୯ , ଏକ୍ସରେଗୁଲାର ୯୪ ଛାତ୍ରଛାତ୍ରୀ ରହିଥିବା ବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୩୦୧ ଜଣ ଙ୍କ ମଧ୍ୟରୁ ୨୫୩ ରେଗୁଲାର ଏବଂ ୪୮ ଏକ୍ସ ରେଗୁଲାର । ସିମନବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୨୪୧ ଜଣଙ୍କ ମଧ୍ୟରୁ ରେଗୁଲାର ୧୯୯ ଏବଂ ଏକ୍ସରେଗୁଲାର ୪୨ ରହିଛନ୍ତି। ସେହିପରି ବୁଡାଗୁଡ଼ା କେନ୍ଦ୍ରରେ ୨୧୯ ଜଣଙ୍କ ମଧ୍ୟରୁ ରେଗୁଲାର ୨୦୨ ଏବଂ ଏକ୍ସ ରେଗୁଲାର ୧୭ ଜଣ ରହିଛନ୍ତି। ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ୨୫୭ ଜଣଙ୍କ ମଧ୍ୟରୁ ୨୧୨ ରେଗୁଲାର ଏବଂ ୪୫ ଏକ୍ସ ରେଗୁଲାର ରହିଛନ୍ତି। ସେହିପରି ବ୍ରାହ୍ମଣୀଗାଁର ଅନ୍ୟ ଏକ ପରୀକ୍ଷା କେନ୍ଦ୍ର ପ୍ରଭାତୀତାରା ବାଳିକା ଉଚ୍ଚ ବିଦ୍ୟାଳୟରେ ୨୫୪ଙ୍କ ମଧ୍ୟରୁ ୨୦୧ ରେଗୁଲାର ଏବଂ ୫୩ ଏକ୍ସରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। କାଟିଙ୍ଗିଆ ଉଚ୍ଚ ବିଦ୍ୟାଳୟରେ ୨୧୧ଜଣଙ୍କ ମଧ୍ୟରୁ୧୬୯ ରେଗୁଲାର ଏବଂ ୪୨ ଏକ୍ସରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ଦାରିଙ୍ଗବାଡ଼ି ଓ ବ୍ରାହ୍ମଣୀଗାଁ ଥାନାରେ ପ୍ରଶ୍ନପତ୍ର ରଖିବା ପାଇଁ ଦୁଇଟି ହବ୍ ଖୋଲାଯାଇଛି । ସେଠାରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଛି । ସେହିପରି ବ୍ରାହ୍ମଣୀଗାଁ ଏବଂ ବୁଡାଗୁଡ଼ା ପରୀକ୍ଷାକେନ୍ଦ୍ରରେ କେବଳ ସିସିକ୍ୟାମେରା ଲଗାଯାଇଛି । ସମସ୍ତ କେନ୍ଦ୍ରରେ ସଂପୃକ୍ତ ପ୍ରଧାନ ଶିକ୍ଷକ ପରୀକ୍ଷା ପରିଚାଳନା କରିବା ଦାୟିତ୍ୱରେ ରହିଥିବାବେଳେ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ ଏବଂ ବିଆରସିସି, ଏବିଇଓ ମାନେ ନିରୀକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ମଧ ଉତ୍ସାହ ଦେଖାଯିବା ସହ ଏକାଧିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ଯୋଗୁଁ ଶିକ୍ଷାଦାନ ସଠିକ ଭାବେ କରାଯାଇ ନ ଥିବା କିଛି ଛାତ୍ରୀଛାତ୍ର କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଦୁର୍ନୀତି ଅଭିଯୋଗ

ପାତ୍ରପୁର,୧୮।୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବ୍ଲକର ଜରଡ଼ା ହରିଜନ ସାହିଠାରୁ ଶ୍ମଶାନ ରାସ୍ତା ଓ ବାଦପୁର ପଞ୍ଚାୟତ ଦେଶାରୀ ଗ୍ରାମର ଭଗୁଡ଼ି ବନ୍ଧରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ତାଲିକା ପ୍ରକାଶ ପାଇଛି। ସେଠାରେ ମେଶିନ୍ ସାହାର୍ଯ୍ୟରେ କାର୍ଯ୍ୟ ଚାଲିଛି। ସରକାର ଏହି ଯୋଜନା ମାଧ୍ୟମରେ ଲୋକଙ୍କୁ କାମ ଯୋଗାଇବା ଲକ୍ଷ ରଖିଥିବା ବେଳେ କମ୍ ଲୋକ କାମ କରୁଛନ୍ତି। କିନ୍ତୁ ସେଠାରେ ଅଧିକା ଲୋକ କାମ କରୁଥିବା ଦର୍ଶାଯାଇ ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯାଉଛି। ଜବକାର୍ଡ ସଂଗ୍ରହ କରି ଖାତାକୁ ଟଙ୍କା ପୈଠ କରାଯାଇ ପୁଣି ସେହି ଖାତାରୁ ଉଠା ଯାଉଛି । ଏ ନେଇ ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣାଙ୍କୁ ପଚାରିବାରୁ ଜରଡ଼ାରେ କାର୍ଯ୍ୟାଦେଶ ନ ମିଳୁଣୁ ସେମାନେ କାମ ଆରମ୍ଭ କରିଥିଲେ, ଅଭିଯୋଗ ପରେ ଆମେ ବନ୍ଦ କରିଛୁ। ସେହିଭଳି ଦେଶାରୀ ଭଗୁଡ଼ି ବନ୍ଧ କାର୍ଯ୍ୟାଦେଶ ଦିଆଯାଇ ନାହିଁ ଜେସିବି କାମ କରୁଥିବା ଜଣାପଡ଼ିଛି। ସୋମବାର ଘଟଣା ଜଣାପଡ଼ିବା ପରେ କାର୍ଯ୍ୟକୁ ବନ୍ଦ କରାଯାଇଥିବା ବିଡିଓ ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି।

# ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଖଜୁରିପଡା,୧୮।୨(ଡି.ଏନ.ଏ.)

ଖଜୁରିପଡା ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ସଭାପତି ନିରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ସୋମବାର ବିଡିଓ ରବୀନ୍ଦ୍ରନାଥ କହଁରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ୧୪ ପଞ୍ଚାୟତରେ କାର୍ଯ୍ୟରତ ନଳକୂପ ମରାମତି ଓ ମୋଟର ପମ୍ପ ଚାଳକ ସ୍ୱାବଲମ୍ବୀ କାରିଗରଙ୍କୁ ସରକାରୀ କୁଶଳୀ କାରିଗରର ମାନ୍ୟତା ଦିଆଯିବାକୁ ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି। ୨୦୧୯ରେ ରାଜ୍ୟ କମିଟି ପକ୍ଷରୁ ଓଡିଶା ସରକାର ସ୍ୱାବଲମ୍ବୀ କାରିଗରମାନଙ୍କୁ ସରକାରି କୁଶଳୀ କାରିଗର ମାନ୍ୟତା ଦିଆଯାଉ ବୋଲି ଦାବିପତ୍ର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରହଣ କରି ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବଙ୍କୁ ଏହାର ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯୁଗ୍ମ ସଚିବଙ୍କୁ ଜଣାଇଥିଲେ। ଯୁଗ୍ମ ସଚିବ ସମସ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସ୍ୱାବଲମ୍ବୀ କାରିଗର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହାକୁ ସମର୍ଥନ ଜଣାଇ କନ୍ଧମାଳ ଜିଲାର ସମସ୍ତ ସ୍ୱାବଲମ୍ବୀ କାରିଗର ଦାବିପତ୍ର ଦେଇଥିବା ବେଳେ ଖଜୁରିପଡା ବ୍ଲକ ସଂଘ ଦାବିପତ୍ର ପ୍ରଦାନ କରିଛି। ସଂଘର ମୁଖ୍ୟ-ଉପଦେଷ୍ଟା ବୈଦ୍ୟନାଥ ବେହେରା, କୋଷାଧ୍ୟକ୍ଷ ଅର୍ଜ୍ଜୁନ ସାହାଣୀ, ସମ୍ପାଦକ ତ୍ରିପାଠୀ ଡିଗାଲ, ଉପସଭାପତି ସୁରେନ୍ଦ୍ର ବିଶ୍ୱାଳଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ବିଡିଓ ଦାବିପତ୍ରକୁ ଗ୍ରହଣ କରି କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶ ଆସିଲେ ମୁଁ ପାଳନ କରିବି।

## ଗୀତା ପାଠଶାଳାରେ ଶିବଝଣ୍ଡା ଉତ୍ତୋଳନ

ଧରାକୋଟ,୧୮।୨(ଡି.ଏନ.ଏ.)

ଧରାକୋଟ ବ୍ଲକର ପ୍ରଜାପିତା ବ୍ରହ୍ମାକୁମାରୀ ଉପଶାଖା ଅଧୀନ ବେଟୁଆର, ନୂଆଗଡ଼, ଖାରିଗୁମା, କୁଶଗୁମା ଓ ଗଡ଼ଦାମୋଦରପଲ୍ଲୀ ଗୀତା ପାଠଶାଳା ଗୁଡ଼ିକରେ ଶିବଝଣ୍ଡା ଉତ୍ତୋଳନ କରାଯାଇଛି। ଆସିକା ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ବ୍ରହ୍ମାକୁମାରୀ ପ୍ରଭାତୀ ଶିବଝାଣ୍ଡା ଉତ୍ତୋଳନ କରିଥିଲେ। ପରମପିତାଙ୍କ ସନ୍ଦେଶକୁ ପାଳନ କରିବା, ସଦ୍‌ଭାବନା ବଜାୟ ରଖିବା, ଶୃଙ୍ଖଳିତ ଜୀବନଚର୍ଯ୍ୟା, ସାମାଜିକ ସଂସ୍କାରରେ ବ୍ରତୀ ହେବା, ସମୟୋପଯୋଗୀ, ନିଷ୍ଠାବାନ ହୋଇ ପରମପିତାଙ୍କ ପଦାଙ୍କ ଅନୁସରଣ କରି ଦିବ୍ୟଜ୍ଞାନ ହାସଲ କରିବା ପାଇଁ ପ୍ରଭାତୀ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ। ଶେଷରେ ସାମୂହିକ ଓଁକାର କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ମଙ୍ଗୁଲୁ, ଅଶେଷଙ୍କ ସମେତ ପରିବାରର ବହୁ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ।

# ଏସ୍‌ଡିସି କପ୍ ଲାଗି ଖେଳାଳି ଚୟନ ସରିଲା

ଫୁଲବାଣୀ ଅଫିସ, ୧୮।୨

ଆଦିବାସୀ ଫୁଟବଲ ଚାମ୍ପିୟନଶିପ୍ ଏସ୍‌ଡିସି (ସ୍ୱତନ୍ତ୍ର ଉନ୍ନୟନ ପରିଷଦ) କପ୍-୨୦୨୦ ପାଇଁ କନ୍ଧମାଳ ଜିଲାରେ ଚାଲିଥିବା ଖେଳାଳି ଚୟନ ପ୍ରକ୍ରିୟା ଶେଷ ହୋଇଛି। କନ୍ଧମାଳ ଷ୍ଟାଡିୟମରେ ଚାଲିଥିବା ଏହି ଚୟନ ଶିବିରରେ ୨୫ ଜଣିଆ ମହିଳା ଓ ପୁରୁଷ ଟିମ୍ ବଛାଯାଇ ଖେଳ ଅଭ୍ୟାସ ପରେ ଚୂଡାନ୍ତ ୧୮ ଜଣିଆ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ଜିଲାସ୍ତରୀୟ ଲିଗ୍‌ରେ ଖେଳିବା ଖେଳାଳିମାନେ ଏବେ ଶିବରରେ ଅଭ୍ୟାସ ଜାରି ରଖିଛନ୍ତି। ଓଡିଶା ଫୁଟ୍‌ବଲ ଆସୋସିଏଶନର ସେକ୍ ଫୟାଜ ଖେଳାଳିଙ୍କୁ ଉତ୍ତମ କୌଶଳ ଶିଖାଉଛନ୍ତି।

ଜିଲାସ୍ତରୀୟ ଲିଗ୍ ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ବାରିପଦା ଏବଂ ଫୁଲବାଣୀରେ ଅନୁଷ୍ଠିତ ହେବ।



ଚୟନ ହୋଇଥିବା ମହିଳା ଫୁଟବଲ ଟିମ୍ ।

କନ୍ଧମାଳ ଷ୍ଟାଡିୟମରେ କନ୍ଧମାଳ, କୋରାପୁଟ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ (ବି) ଟିମ୍ ଖେଳିବ । ଖେଳ ପାଇଁ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିବା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଫୁଟବଲ ଲିଗରେ ଭାଗ ନେବା ପାଇଁ ଜିଲାର ୧୨ଟି ବ୍ଲକରୁ ପ୍ରାୟ ୮୩୦ ଖେଳାଳି ନାମ ପଞ୍ଜୀକରଣ କରିଥିଲେ । ସରୋଜ ମୁନି, ପଦ୍ମନାଭ କହଁର କୋଚ ଏବଂ ସହକାରୀ କୋଚ ଦାୟିତ୍ୱରେ ରହିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ, ଖେଳ ଶିକ୍ଷକ ସତ୍ୟନାରାୟଣ ମୁଖୀ, ବୈଦ୍ୟନାଥ ଖଟୁଆ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ପ୍ରକ୍ରିୟା ଚାଲିଥିଲା । ମାର୍ଚ୍ଚ ୨ରେ ସେମିଫାଇନାଲ କେନ୍ଦୁଝର ଏବଂ ସୁନ୍ଦରଗଡ, ୫ ମାର୍ଚ୍ଚରେ ଫାଇନାଲ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ।




## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

**ବୁଗୁଡ଼ା,୧୮।୨(ଡି.ଏନ.ଏ.)** ବୁଗୁଡ଼ା ଥାନା ଏନ୍ଏସି ଉପକଣ୍ଠ ସନ୍ତୋଷୀ ମନ୍ଦିର ନିକଟରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଥାନା ବାଦୁଆ ଗ୍ରାମର ସନ୍ନ୍ୟାସୀ ନାୟକ (୩୦), ଶରତ ନାୟକ (୩୫) ଓ ମୂଳିଆ ନାୟକ (୪୦)। ସନ୍ନ୍ୟାସୀ, ଶରତ ଓ ମୁଳିଆ ତାକରଡ଼ାରୁ ଭୋଜି ଖାଇ ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବା ବେଳେ ଅପରାହ୍ଣରେ ଭାରସାମ୍ୟ ହରାଇ ଗାଡ଼ି ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ପରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

**କବିସୂର୍ଯ୍ୟନଗର,୧୮।୨** କବିସୂର୍ଯ୍ୟନଗର ଭେଙ୍କଟେଶ୍ୱର ସାହିଠାରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଋତ୍ୱିକ୍ ଭଗବାନ ବଡ଼େଇ ଓ ପୋଲସରାର ଉପେନ୍ଦ୍ର କୁମାର ସାହୁ ଯୋଗଦେଇ ଅନୁକୂଳ ଚନ୍ଦ୍ରଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। କବିସୂର୍ଯ୍ୟନଗରରୁ ସନ୍ନ୍ୟାସୀ ନାୟକ, ଭଞ୍ଜନଗରରୁ ରାମଚନ୍ଦ୍ର ଗୌଡ଼, ଆସ୍କାରୁ ପଞ୍ଚୁ ଗୋପାଳ ମୁଖାର୍ଜୀ, ବ୍ରହ୍ମପୁରରୁ ଦୟାନିଧି ପାଣିଗ୍ରାହୀ ଓ ବିଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ